ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.269 Bhubaneswar Wednesday December 14 2022 | ୨୫ତମ ବର୍ଷ | ସଂଖ୍ୟା-୨୬୯ | ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୪, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹1.50 | (Air Surcharge - 0.50P) | Member-INS

## ପଦାରେ ପଡିଲା ପୂର୍ତ୍ତ ବିଭାଗର ପାରିବା ପଣିଆ, ୬ ମାସ ପରେ ପୁଣି ଥରେ ଦବିଲା ବ୍ରିଜ୍

ଆନନ୍ଦପୁର ,୧୩।୧୨(ପି.ଏନ): ପୂର୍ତ୍ତ ବିଭାଗର ପାରିବା ପଣିଆ ପଦାରେ ପଡିଲା। ୬ ମାସ ତଳେ ବ୍ରିଜ୍ ମରାମତି କରାଇଥିଲା। ଏବେ ପୁଣି ଥରେ ଦବି ଯାଇଛି ବ୍ରିଜ୍। ତେଣୁ ଆଉ ଥରେ ମରାମତି ପାଇଁ ବୁଧବାର ବ୍ରିଜ୍? ଉପରେ ଯାତାୟତ ନକରିବାକୁ ପରାମର୍ଶ ଦେଇଛି। ଏପରି ଚିତ୍ର ଆସିଛି ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାରୁ। ଆନନ୍ଦପୁର ଉପଖଣ୍ଡର ଲାଇଫ୍‌ଲାଇନ୍ କୁହାଯାଉଥିବା ବୈତରଣୀ ବ୍ରିଜ୍?ର ବାରମ୍ବାର ମରାମତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଉ ପୂର୍ତ୍ତ ବିଭାଗର କାମକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି।ଆନନ୍ଦପୁରର ଏହି ବୈତରଣୀ ସେତୁ ଉପରେ ଭଦ୍ରକ, ମୟୂରଭଞ୍ଜ, ଭୁବନେଶ୍ୱର, କଟକ ଓ କେନ୍ଦୁଝର ଜିଲ୍ଲାର ଲୋକମାନେ ନିର୍ଭର କରନ୍ତି। ପ୍ରତିଦିନ ଶହଶହ ଗାଡି ଯିବା ଆସିବା କରିଥାଏ। କିନ୍ତୁ ୩୦ରୁ ୩୫ ବର୍ଷ ତଳେ ପୂର୍ତ୍ତ ବିଭାଗ ନିର୍ମାଣ କରିଥିବା ଏହି ବ୍ରିଜ୍? ଏବେ ଆନନ୍ଦପୁରବାସୀଙ୍କୁ ଦେଉଛି ଜାତନା।




ରକ୍ଷଣା ବେକ୍ଷଣା ଅଭାବରୁ ବ୍ରିଜ୍ ଦବୁଛି। ଏନେଇ ଅଭିଯୋଗ ହେବା ପରେ ୬ ମାସ ତଳେ ପୂର୍ତ୍ତ ବିଭାଗ ମରାମତି କରିଥିଲା। ଆନ୍ଧ୍ରପ୍ରଦେଶର ଏକ ଠିକା ସଂସ୍ଥା ମାଧ୍ୟମରେ ବ୍ରିଜ୍? ମରାମତି କରିଥିଲା ପୂର୍ତ୍ତ ବିଭାଗ। ମରାମତି ପରେ ବ୍ରିଜ୍ ସର୍ବସାଧାରଣଙ୍କ ଯିବା ଆସିବା ପାଇଁ ଖୋଲିଥିଲା।ବୈତରଣୀ ବ୍ରିଜ୍ ମରାମତି ପରେ ଦୁଃଖ ସରିଗଲା ବୋଲି ଆନନ୍ଦପୁରବାସୀ ଭାବିଥିଲେ। ହେଲେ ଏବେ ବ୍ରିଜ୍?ର ଦୁଇ ପିଲର ପୁଣି ଦବି ଯାଇଛି। କୌଣସି ଦୁର୍ଘଟଣା ଘଟିବା ଆଗରୁ ଭାରୀ ଯାନ ପ୍ରବେଶ ଉପରେ କଟକଣା ଲଗାଇଛି ପ୍ରଶାସନ। ସେଥିପାଇଁ ବ୍ରିଜ୍?ର ଉଭୟ ପାର୍ଶ୍ୱରେ ପୁଲିସ୍ ମୁତୟନ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବାରୁ ବ୍ରିଜ୍ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ ନିଷ୍ପତ୍ତି ନେଇଛି। ମରାମତି ପାଇଁ ଆସନ୍ତାକାଲି ଅର୍ଥାତ ବୁଧବାର ଦିନବେଳା ବ୍ରିଜ୍‌ରେ ଯାତାୟତକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେଥିପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ବୁଧବାର ବ୍ରିଜ୍? ଉପରେ ନଯିବା ପାଇଁ ସ୍ଥାନୀୟ ଲୋକଙ୍କୁ କୁହାଯାଇଛି।ସ୍ଥାନୀୟ ବୁଦ୍ଧିଜୀବୀ ଶମ୍ଭୁନାଥ ରାଉତ କହିଛନ୍ତି, ବୈତରଣୀ ନଦୀ ଉପରେ ହୋଇଥିବା ସେତକୁ ଦୀର୍ଘ ବର୍ଷ ଧରି ପୂର୍ତ୍ତ ବିଭାଗ ବାରମ୍ବାର ମରାମତି କରୁଛି। କ'ଣ ମରାମତି କରାଯାଉଛି ଆମେ ଜଣିପାରୁନାହୁଁ। ମୋତେ ଆଶ୍ଚର୍ଯ୍ୟ ଲାଗୁଛି, ବିଭାଗୀୟ ଅଧିକାରୀମାନେ କିଭଳି ଭାବେ ଟେଣ୍ଡର କରୁଛନ୍ତି ଓ କିଭଳି ଭାବେ ମରାମତି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଶମ୍ଭୁନାଥ।ଅନ୍ୟ ଜଣେ ସ୍ଥାନୀୟ ବାସିନ୍ଦା କିରଣ ପାଢ଼ୀ କହିଛନ୍ତି, ବୈତରଣୀ ନଦୀ ଉପରେ ହୋଇଥିବା ବ୍ରିଜ୍‌ଟି ହେଉଛି ଆନନ୍ଦପୁରର ପ୍ରମୁଖ ସେତୁ। ଗତ ୬ ମାସ ଭିତରେ ଏହି ବ୍ରିଜ୍ ଦୁଇ ଥର ଦବି ଗଲାଣି। ବିଭାଗୀୟ ଅପାରଗତା ଯୋଗୁଁ ଏପରି ହେଉଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

## ଯୋଜନାର ବ୍ୟୟବରାଦି ଅର୍ଥକୁ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଖର୍ଚ୍ଚ କରିବାକୁ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୧୨(ପି.ଏନ): କୃଷି ବିଭାଗର ବିଭିନ୍ନ ଯୋଜନାରେ ବ୍ୟୟବରାଦି ଅର୍ଥକୁ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଠିକଣା ଭାବରେ ଖର୍ଚ୍ଚ କରି ଯୋଜନାର ସୁଫଳ ଚାଷୀମାନଙ୍କ ନିକଟରେ ପହଂଚାଇବାକୁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭିନ୍ନ ଯୋଜନାର ଅଗ୍ରଗତି ଏବଂ ବଜେଟ୍‌ରେ ହୋଇଥିବା ଅର୍ଥ ବ୍ୟବସ୍ଥାର ଖର୍ଚ୍ଚ ସଂପର୍କରେ ସମୀକ୍ଷା କରିବା ଅବସରରେ କହିଥିଲେ ଯେ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟୟବରାଦି ଯେପରି ସଠିକ ଭାବେ ଓ ସମୟ ଅନୁସାରେ ଖର୍ଚ୍ଚ ହୋଇପାରିଲେ ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ। ଏଥି ସହିତ ଚାଷୀମାନଙ୍କୁ ଆବଶ୍ୟକ ବିହନ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତି ଆଦି ଠିକଣା ସମୟରେ ଯୋଗାଇଦେଇ କୃଷି ଉତ୍ପାଦନ ବୃଦ୍ଧି ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିବା ସହ ଅଧିକାରୀମାନେ କ୍ଷେତ୍ରସ୍ତରରେ ଅଧିକ ତତ୍ପର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିହନ, ସାର, କୀଟନାଶକ ଯୋଗାଣ, ମୃତିକା ସ୍ୱାସ୍ଥ୍ୟ କାର୍ଡ, ସମନ୍ୱିତ କୃଷି ପଦ୍ଧତି (ବ୍ୟକ୍ତିଗତ ଓ ଗୋଷ୍ଠୀଗତ), କୃଷି ଯନ୍ତ୍ରପାତିର ବିକ୍ରିବଟା, ଜଳନିଧି ଓ ସୌର ଜଳନିଧି, ଗଭୀର ନଳକୂପ ଖନନ ଇତ୍ୟାଦି ଯୋଜନାର ଆର୍ଥିକ ବ୍ୟୟବରାଦି ଓ ଅଦ୍ୟାବଧି ହୋଇଥିବା ଖର୍ଚ୍ଚର ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ସମନ୍ୱିତ କୃଷି ମାଧ୍ୟମରେ କୃଷକମାନଙ୍କର ଆୟବୃଦ୍ଧି ହାସଲ ହୋଇପାରୁଥିବା ଦୃଷ୍ଟିରୁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳସେଚନ ନିମନ୍ତେ ଗଭୀର ନଳକୂପ ଖନନ, ଜଳନିଧି ଓ ସୌର ଜଳନିଧି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଅଣଧାନ ଫସଲ, ଡାଲି, ତୈଳବୀଜ, କପା, ଝୋଟ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷକୁ ପ୍ରୋତ୍ସାହିତ କରିବା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱ ଦେଇଥିଲେ । ବୈଠକରେ କୃଷି ଯନ୍ତ୍ରପାତିର ବ୍ୟବହାର ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀମାନଙ୍କୁ ଦିଆଯାଉଥିବା ସବ୍‌ସିଡି ଅର୍ଥର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିବା ସହିତ ବିଭିନ୍ନ ଯୋଜନାରେ ଚାଷୀମାନଙ୍କୁ ଦିଆଯାଉଥିବା ରିହାତି ଅର୍ଥ ତୁରନ୍ତ ଯେପରି ସିଧାସଳଖ ଚାଷୀମାନଙ୍କ ନିକଟରେ ପହଂଚିପାରିବ ସେଥି ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଫସଲର ବିବିଧିକରଣ, ଜନଜାତି ଅଧ୍ୟୁଷିତ ଅଂଚଳରେ ସମନ୍ୱିତ କୃଷି ଓ ମାଣ୍ଡିଆ ଚାଷର ପ୍ରସାର, ଭୂତଳ ଜଳ ଉତ୍ସର ସଦୁପଯୋଗ, ନିୟମିତ ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା, କୃଷି ତଥ୍ୟର ଡିଜିଟାଇଜେସନ୍ ଆଦି ଉପରେ ବିସ୍ତୃତ ଭାବରେ ସମୀକ୍ଷା କରାଯାଇଥିଲା। ବୈଠକ ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।

## ସ୍ୱାଭାବିକ୍ ଠାରୁ ଅଧିକ ରାତ୍ରି ତାପମାତ୍ରା; ଶୀତ ଗାଏବ

ଭୁବନେଶ୍ୱର,୧୩।୧୨(ପି.ଏନ): ସ୍ୱାଭାବିକ ଠାରୁ ଅଧିକ ହୋଇଛି ରାତ୍ରି ତାପମାତ୍ରା; ଫଳରେ ରାଜ୍ୟରୁ ଶୀତ ଗାଏବ ହୋଇଯାଇଛି । ରାତ୍ରିକାଳୀନ ତାପମାତ୍ରା ଫୁଲବାଣୀରେ ୧୭.୫ ଡ଼ିଗ୍ରୀ, ଟିଟିଲାଗଡ଼ରେ ୨୧ ଡ଼ିଗ୍ରୀ, ସମ୍ବଲପୁରରେ ୧୯.୮ ଡ଼ିଗ୍ରୀ, ଭବାନୀପାଟଣାରେ ୨୦.୪ ଡ଼ିଗ୍ରୀ, ଚାନ୍ଦବାଲିରେ ୧୯.୧ ଡ଼ିଗ୍ରୀ, ଅନୁଗୁଳରେ ୧୮ ଡ଼ିଗ୍ରୀ, କଟକରେ ୧୮.୪ ଡ଼ିଗ୍ରୀ ଏବଂ ଭୁବନେଶ୍ୱରରେ ୧୯ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଶୁଦ୍ଧ ଲିଖନ ଦିଗରେ ଧ୍ୟାନ ଦେବାକୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୧୩।୧୨(ପି.ଏନ): 'ପବିତ୍ର ଶିଶୁ ଦିବସ-୨୦୨୨' ଉପଲକ୍ଷେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମ୍ବାଦପତ୍ର ମାଧ୍ୟମରେ ଦେଇଥିବା ବାର୍ତାରେ ଅନେକ ଭୁଲ ରହିଛି ବୋଲି ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି ଦର୍ଶାଇଛନ୍ତି।

## ଇଡି ରିମାଣ୍ଡରେ ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ

ଭୁବନେଶ୍ୱର,୧୩।୧୨(ପି.ଏନ): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ରିମାଣ୍ଡରେ ନେଇଛି ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି। ଇଡି ପକ୍ଷରୁ ହୋଇଥିବା ରିମାଣ୍ଡ ଆବେଦନକୁ ଖୋର୍ଦ୍ଧା ଓ ଜିଲ୍ଲା ଜଜ୍ କୋର୍ଟ ଗ୍ରହଣ କରିଛନ୍ତି। କୋର୍ଟ ଅର୍ଚ୍ଚନାଙ୍କୁ ୬ ଦିନିଆ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି। ସେହିଭଳି ଜଗବନ୍ଧୁଙ୍କୁ ୯ ଦିନ ପାଇଁ ରିମାଣ୍ଡରେ ନେବାକୁ କୋର୍ଟ ଆଦେଶ ଦେଇଛନ୍ତି। ଅର୍ଚ୍ଚନା ଆଜି ଦ୍ୱିତୀୟ ଥର ପାଇଁ ରିମାଣ୍ଡରେ ଯାଇଛନ୍ତି। ଜଗବନ୍ଧୁ ଆସନ୍ତାକାଲି ଠାରୁ ରିମାଣ୍ଡରେ ଯିବେ।ମଙ୍ଗଳବାର ଦିନ ଉଭୟ ଅର୍ଚ୍ଚନା ଓ ଜଗବନ୍ଧୁଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ଇଡି ପକ୍ଷରୁ ଜଗବନ୍ଧୁଙ୍କୁ ୧୫ ଦିନ ଓ ଅର୍ଚ୍ଚନାଙ୍କୁ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଆବେଦନ କରାଯାଇଥିଲା। ରିମାଣ୍ଡ ଆବେଦନ ମଞ୍ଜୁର ହେବା ପରେ ଆଜି ଅର୍ଚ୍ଚନାଙ୍କୁ ଇଡି ନେଇ ଥିବା ବେଳେ ବୁଧବାର ଜଗବନ୍ଧୁଙ୍କୁ ଜେଲରୁ ରିମାଣ୍ଡରେ ନେବ। ଇଡି ବୁଧବାର ଦିନ ଜଗବନ୍ଧୁଙ୍କୁ ରିମାଣ୍ଡରେ ନେବା ପରେ ଉଭୟ ଦମ୍ପତିଙ୍କୁ ସାମ୍ନାସାମ୍ନି ଜେରା କରିବ। ସୂଚନାଯୋଗ୍ୟ, କମିସନରେଟ ପୁଲିସ ହାତରୁ ମାମଲା ସ୍ଥାନାନ୍ତରିତ ହେଲା ପରେ ଇଡି ପ୍ରଥମ ଥର ପାଇଁ ଅର୍ଚ୍ଚନା ନାଗଙ୍କୁ ୭ ଦିନିଆ ରିମାଣ୍ଡରେ ନେଇଥିଲା। ଏହି ରିମାଣ୍ଡ କାଳରେ ବିଭାଗୀୟ ଅଧିକାରୀମାନେ ପଚରାଉଚରା କରିଥିଲେ।

## ପୁରୀରେ ବ୍ୟାପୁଛି ଝାଡାବାନ୍ତି !



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ରୁତଗତିରେ ଚାଲୁଥିବା ବେଳେ ଘଟିଛି ଅଘଟଣ। ପାଇପ୍ ପାଣି ଫାଟିଯିବାରୁ ପ୍ରଦୂଷିତ ପାଣି ପିଇ ଝାଡ଼ାବାନ୍ତିର ଶିକାର ହୋଇଛନ୍ତି ବାସେଳୀ ସାହି ବାସିନ୍ଦା।ବାସେଳି ସାହିର ପାଣିକାତ ଗଳି, ପଣାପ୍ରିୟା ଲେନ୍, ଗୋଛିକାର୍ ସାହିରେ ଘରେ ଘରେ ଝାଡ଼ବାନ୍ତିର ଶିକାର ହୋଇଛନ୍ତି ଲୋକ। ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ସୌମେନ୍ଦ୍ର ମୁଦଲୀଙ୍କ ପରିବାରର ୫ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆଙ୍କ ପରିବାର ଲୋକେ ମଧ୍ୟ ଝାଡାବାନ୍ତିରେ ପୀଡିତ ହୋଇଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅଧୀନରେ ଥିବା ଗଡନ୍ତି ଛକରେ ଯାଇଥିବା ପୁରୁଣା ପାଣି ପାଇପ୍ ଲାଇନକୁ ହଟାଯାଇ ନୂତନ ପାଇପ୍ ଲାଇନ୍ ପକାଯାଇଛି। ପାଇପଲାଇନ ଅଦଳ ବଦଳ ସମୟରେ ପାଇପଲାଇନ୍ ଦୂଷିତ ପାଣି ମିଶିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।ଏନେଇ ଖବର ପ୍ରସାରଣ ପରେ ଜିଲ୍ଲାପାଳ ବାସେଳିସାହି ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମଧ୍ୟ ଘଟଣାର ଅନୁଧ୍ୟାନ କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବିଧାୟକଙ୍କ ଗାଡିକୁ ଅଣ୍ଡାମାଡ : ବିଜେପି :ବିଜେଡ଼ି କର୍ମୀ ମୁହାଁମୁହିଁ

ବଲାଙ୍ଗିର, ୧୩।୧୨(ପି.ଏନ): ବିଜେପିର ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ଗାଡି ଉପରକୁ ଅଣ୍ଡାମାଡ଼ ହୋଇଛି। ଆଜି ଅପରାହ୍ନରେ ପୁଇଁତଳା ପ୍ୟାକ୍ସ ଧାନମଣ୍ଡି ନିକଟରେ ବିଜେଡ଼ି କର୍ମୀ ମାନେ ତାଙ୍କ ଗାଡିକୁ ଅଣ୍ଡାମାଡ କରିଥିବା ଅଭିଯୋଗ ହୋଇଛି । ଅଣ୍ଡାମାଡକୁ ନେଇ ସେଠାରେ ବିଜେଡ଼ି ଓ ବିଜେପି କର୍ମୀ ମୁହାଁମୁହିଁ ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଭଳି ସ୍ଥିତି ଦେଖିବାକୁ ମିଳିଛି । ପରେ ପୋଲିସ ସ୍ଥିତି ନିୟନ୍ତ୍ରଣକୁ ନେଇଛି । ଆଜି ସକାଳେ ବିଧାୟକ ମୁକେଶ ମହାଲିଙ୍ଗ ଭାଲେର-କୁରୁଲ ବ୍ରିଜ ର ଭିତିପ୍ରସ୍ତର ସ୍ଥାପନ ପାଇଁ ଯିବା ବେଳେ ତାଙ୍କ ନିର୍ବାଚନ ମଣ୍ଡଳି ପୁଇଁତଳା ଭାଲେର ଛକରେ ବିଜେଡ଼ି କର୍ମୀ ମାନେ କଳା ପତାକା ପ୍ରଦର୍ଶନ କରିଥିଲେ । ଯାହାକୁ ନେଇ ସେଠାରେ ବିଜେପି - ବିଜେଡ଼ି କର୍ମୀଙ୍କ ମଧ୍ୟରେ ଠେଲାପେଲା ଭଳି ସ୍ଥିତି ଦେଖିବାକୁ ମିଳିଥିଲା । ପରେ କାର୍ଯ୍ୟକ୍ରମରେ ଯୋଗଦେଇ ଫେରୁଥିବା ବେଳେ ଅପରାହ୍ନରେ ଏହି ଘଟଣା ଘଟିଛି । ତେବେ ବିଧାୟକଙ୍କ ଉପରେ ଅଣ୍ଡାମାଡ ଘଟଣାକୁ ତାଙ୍କ ସମର୍ଥକ ମାନେ ନିନ୍ଦା କରିଛନ୍ତି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୮ ଡିସେମ୍ବରରେ ସିଲଙ୍ଗ ଆସିବେ

ସିଲଂ, ୧୩।୧୨(ପି.ଏନ): ଡିସେମ୍ବର ୧୮ ତରିଖରେ ସିଲଂରେ ଉତର ପୂର୍ବାଂଚଳ ପରିଷଦ (ଏନଇସି) ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିବେ। ଏଥିରେ ଉତର ପୂର୍ବାଂଚଳର ବିକାଶ ମନ୍ତ୍ରୀ (ଡୋଏନର) ଗଙ୍ଗାପୁରମ୍ କିଶାନ୍ ରେଡ୍‌ଡ଼ୀ, ଉତର ପୂର୍ବାଂଚଳର ସମସ୍ତ ରାଜ୍ୟପାଳ, ଉତର ପୂର୍ବ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଏବଂ ରାଜ୍ୟ ଅଧିକାରୀ ଏଥିରେ ଯୋଗ ଦେବେ।

## ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୩.୦ ଡ଼ିଗ୍ରୀ

ଭୁବନେଶ୍ୱର, ୧୩।୧୨(ପି.ଏନ): ଆଜି ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୩.୦ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା କେନ୍ଦୁଝରରେ ୧୩.୪ ଓ କିରେଇରେ ୧୧.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ପାର୍ବତ୍ୟାଂଚଳରେ ସର୍ବନିମ୍ନ ତାପମାତ୍ରା କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ୧୪.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୨.୨ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୯.୦ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୧.୨ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୮.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି।

## ଜେଲ୍ ଗଲେ, ସସ୍‌ପେଣ୍ଡ ହେଲେ; ଶେଷରେ ଆନ୍ଦୋଳନ ସ୍ଥଗିତ କଲେ ଓକିଲ

ସମ୍ବଲପୁର,୧୩।୧୨(ପି.ଏନ): ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଛି ଉଗ୍ର ଆନ୍‌ଦୋଳନ। ଗିରଫ ହେଲେ, ଲାଇସେନ୍ସ ସସ୍?ପେଣ୍ଡ ବି ହେଲା। ସମ୍ବଲପୁର କୋର୍ଟରେ ଭଙ୍ଗାରୁଜା, ହଙ୍ଗାମା ଘଟଣାରେ ୧୬ ଆଇନଜୀବୀଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇଲା ସମ୍ବଲପୁର ପୁଲିସ୍। ଓକିଲଙ୍କ ଆନ୍‌ଦୋଳନକୁ ନେଇ ରାଜ୍ୟ ପୁଲିସ୍?କୁ ସୁପ୍ରିମ୍?କୋର୍ଟଙ୍କ ଭର୍ତ୍ସନା ପରେ ସମ୍ବଲପୁର ପୁଲିସ୍ ଆଜି ଏଭଳି ଆକ୍ସନ ମୁଡ୍?ରେ ଆସିଛି। ସେପଟେ ସୁପ୍ରିମକୋର୍ଟଙ୍କ ଛାଟ ପରେ ବାର୍ କାଉନ୍?ସିଲ୍ ଅଫ୍ ଇଣ୍ଡିଆ ମଧ୍ୟ ଆନ୍‌ଦୋଳନରେ ସଂପୃକ୍ତ ଆଉ ୧୪ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପାଇଁ ସସ୍‌ପେଣ୍ଡ କରିଛି। ଗତକାଲି ୨୯ ଜଣ ଓକିଲଙ୍କ ଲାଇସେନ୍ସ ସସ୍?ପେଣ୍ଡ ହୋଇଥିଲା ବେଳେ ଆଜି ଆହୁରି କଡା ଆଭିମୁଖ୍ୟ ଦେଖାଇଛି ବାର କାଉନ୍‌ସିଲ ଅଫ୍ ଇଣ୍ଡିଆ(ବିସିଆଇ)। ସେପଟେ ଆନ୍‌ଦୋଳନକୁ ସ୍ଥଗିତ ରଖିବାକୁ ପଶ୍ଚିମ ଓଡ଼ିଶା ଓକିଲ ସଂଘ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇଛି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆନ୍‌ଦୋଳନ ସ୍ଥଗିତ ରଖିଥିବା ସୂଚନା ମିଳିଛି। ଆନ୍‌ଦୋଳନ ସ୍ଥଗିତ ରଖିବା ସହ କମିଟି ପକ୍ଷରୁ ସୁପ୍ରିମକୋର୍ଟ ଉପରେ ପୂର୍ଣ୍ଣ ଆସ୍ଥା ପ୍ରକଟ କରାଯାଇଛି।ଅନ୍ୟପଟେ ଏହି ଘଟଣାରେ ସମ୍ବଲପୁର ଏସ୍?ପି କହିଛନ୍ତି ସିସିଟିଭି ଫୁଟେଜ୍?କୁ ନେଇ ଆଗକୁ ଅନ୍ୟ ଅଭିଯୁକ୍ତମାନଙ୍କୁ ବି ଗିରଫ କରାଯିବ। ଅପରପକ୍ଷେ ଓକିଲଙ୍କ ଗିରଫଦାରି ପରେ ଉତ୍ତ?ଜନା ଆଶଙ୍କାରେ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରରେ ୨୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କେବଳ କୋର୍ଟ ପରିସରରେ ଅଛନ୍ତି ୧୭ ପ୍ଲାଟୁନ୍ ଫୋର୍ସ। ସେହିପରି କଚେରି ଛକରେ ୧୪୪ ଧାରା ଜାରି କରାଯାଇଛି।ସୂଚନା ମୁତାବକ, ଗତ ନଭେମ୍ବର ୩୦ରେ ହୋଇଥିବା ଆନ୍‌ଦୋଳନର ଏତଲା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଗତକାଲି ହଙ୍ଗାମାର ଭିଡିଓ ଫୁଟେଜ୍ ଆଧାରରେ ଜିଲ୍ଲା ଓକିଲ ସଂଘର ସମସ୍ତ ଆଇନଜୀବୀଙ୍କ ଲାଇସେନ୍ସ ମଧ୍ୟ ସାମୟିକ ସସ୍?ପେଣ୍ଡ କରିଛି ବାର୍ କାଉନ୍?ସିଲ୍।ତେବେ ରେଜିଷ୍ଟ୍ରାର ଏବଂ ଷ୍ଟେଟ୍ ବାର୍ କାଉନ୍?ସିଲର ରିପୋର୍ଟ ମିଳିଲା ପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବିସିଆଇ ପକ୍ଷରୁ ପ୍ରେସ୍ ରିଲିଜରେ କୁହାଯାଇଛି। ଅନ୍ୟପଟେ ନିଲମ୍ବିତ ଓକିଲ ଯେଉଁଭଳି କୌଣସି କୋର୍ଟ କାର୍ଯ୍ୟରେ ଭାଗ ନେଇ ନପାରିବେ ସେନେଇ ସମସ୍ତ କୋର୍ଟଙ୍କୁ ଅବଗତ କରାଇବା ପାଇଁ ସମ୍ବଲପୁର ଜିଲା ଗୈରାଜଜ୍? ରେଜିଷ୍ଟ୍ରାରଙ୍କୁ ବିସିଆଇ ଅନୁରୋଧ ବି କରିଛି।ତେବେ ପୁଲିସ୍ ଓ ବିସିଆଇର କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ଓକିଲ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ସମ୍ବଲପୁର ଜିଲ୍ଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର ଓ ଅଶୋକ କୁମାର ଦାସ କହିଛନ୍ତି, ହକ୍ ପାଇଁ ଆନ୍‌ଦୋଳନ କରୁଛୁ, ଆବଶ୍ୟକ ହେଲେ ଜେଲ୍ ଭରୋ କରିବୁ। ଆମକୁ ଓଡ଼ିଶା ବାର୍ କାଉନ୍?ସିଲ୍ ଲାଇସେନ୍ସ ଦେଇଥିବାରୁ ବିସିଆଇ ଯାହା କରିଛି ତା'ର ନ୍ୟାୟିକ ତର୍ଜମା କରାଯିବ। ପଶ୍ଚିମଓଡିଶାରେ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ବାରମ୍ବାର ବିସ୍ତୃତ ପ୍ରସ୍ତାବ ମାଗିଥିଲେ ମଧ୍ୟ ରାଜ୍ୟ ସରକାର ଦେଉନାହାନ୍ତି। ଫଳରେ ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ।ବିଜେଡି ବିଧାୟକ ସୁଶାନ୍ତ ସିଂହ କହିଛନ୍ତି, ଆମ ନିଜ ଭିତରେ ବିବାଦ ରହିଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପଶ୍ଚିମଓଡିଶାବାସୀ ଏକାଠି ହୋଇ କାମ କଲେ ନିଶ୍ଚୟ କାମ ହେବ।ଆସନ୍ତାକାଲି ସୁପ୍ରିମ୍?କୋର୍ଟରେ ଏହି ମାମଲାର ଶୁଣାଣି ରହିଛି। ରାଜ୍ୟ ପୁଲିସ୍ ଡିଜି ଓ ଉତ୍ତରାଞ୍ଚଳ ଆଇଜି ଭିଡିଓ କନ୍?ଫରେନ୍ସିଂ ଯୋଗେ କୋର୍ଟରେ ହାଜର ହେବେ। ଓକିଲ ଆନ୍‌ଦୋଳନକୁ ପ୍ରତିହତ କରିବାରେ ପୁଲିସ୍? ବିଫଳତା ପାଇଁ ଗତକାଲି ଡିଜିପି ଓ ଉତ୍ତରାଞ୍ଚଳ ଆଇଜିଙ୍କୁ କଡ଼ା ଭର୍ସନା କରିବା ସହ କୋର୍ଟରେ ହାଜର ହେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପଟେ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଦାୟର ସତ୍ୟପାଠକୁ ନେଇ ବେଂଚ୍ ପ୍ରତିଷ୍ଠା ପାଇଁ ଦୁର୍ବାର ଆନ୍‌ଦୋଳନ କରୁଥିବା ଓକିଲଙ୍କୁ ଝଟ୍?କା ଲାଗିଛି। ବିଭିନ୍ନ କୋର୍ଟରେ ଭର୍‌ଚୁଆଲ୍ ଆକ୍‌ସେସ୍ ବ୍ୟବସ୍ଥା କରାଗଲେ, ସ୍ଥାୟୀ ବେଂଚ୍‌ର ସେତେଟା ଆବଶ୍ୟକତା ପଡ଼ିବ ନାହିଁ ବୋଲି ରେଜିଷ୍ଟ୍ରାର ଜେନେରାଲ ସତ୍ୟାପାଠରେ ଦର୍ଶାଇଛନ୍ତି। ଯାହା ପରେ ବେଂଚ୍ ପ୍ରତିଷ୍ଠା ଆଶା ଏକ ପ୍ରକାର ମଉଳି ଯାଇଛି।ଅନ୍ୟପକ୍ଷରେ ମାତ୍ର ୪ ଦିନ ତଳେ କେନ୍ଦ୍ର ଆଇନ ମନ୍ତ୍ରୀ କିରନ୍ ରିଜୁଜୁ ଏ ପ୍ରସଙ୍ଗରେ ସଂସଦରେ ଲିଖିତ ଉତ୍ତର ରଖିଛନ୍ତି। ଏଥିରେ ସେ ସ୍ପଷ୍ଟ କରିଛନ୍ତି ଓଡ଼ିଶା ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଂଚ୍ ପ୍ରତିଷ୍ଠା ପାଇଁ ଅନୁରୋଧ କରିଛନ୍ତି। ଏ ସଂପର୍କରେ ହାଇକୋର୍ଟ ସହ ଆଲୋଚ୍ନା କରି କେଉଁ କେଉଁ ସ୍ଥାନରେ ବେଂଚ୍ ସ୍ଥାପନ ହେବ ବିସ୍ତୃତ ପ୍ରସ୍ତାବ ଦେବାକୁ କୁହାଯାଇଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ଉତ୍ତର ମିଳିନାହିଁ।ଏହା ପୂର୍ବରୁ ମଧ୍ୟ ଗତ ଏପ୍ରିଲ୍ ୨୦ ତାରିଖରେ କେନ୍ଦ୍ର ଆଇନ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବିସ୍ତୃତ ପ୍ରସ୍ତାବ ମାଗିଥିଲେ। ସେହିପରି ଗତ ଅକ୍ଟୋବରରେ ରାଜ୍ୟ ସରକାରଙ୍କ ସହ ପଶ୍ଚିମ ଓଡ଼ିଶା ବାର୍ ଆସୋସିଏସନ୍? ସେଣ୍ଟ୍ରାଲ୍ ଆକସନ୍ କମିଟି ଆଲୋଚ୍ନା କରିଥିଲା।



ଯେଉଁଥିରେ ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଂଚ୍ ପ୍ରତିଷ୍ଠା ପାଇଁ ପଶ୍ଚିମ ଓଡ଼ିଶାର ଅଧିକାଂଶ ଓକିଲ ସଂଘ ଚାହୁଁଥିବା ଦର୍ଶାଯାଇଥିଲା। ତେଣୁ ଏ ନେଇ ସଂପୂର୍ଣ୍ଣ ତଥା ବିସ୍ତୃତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଜଣାଇବାକୁ ନିବେଦନ କରିଥିଲା କମିଟି। ଏସବୁ ସତ୍ତ୍ୱେ ରାଜ୍ୟ ସରକାର ଚୁପ୍ ବସିଛନ୍ତି। ଏପଟେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନଥିବାରୁ ଓକିଲମାନେ ଆନ୍‌ଦୋଳନ ଜାରି ରଖିଥିଲେ। ଏଥିଯୋଗୁଁ ଲୋକେ ଆଇନ ସେବାରୁ ବଂଚିତ ହେଉଥିବାରୁ ଆନ୍‌ଦୋଳନ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ନଚେତ୍ ଓକିଲମାନଙ୍କ ବାର୍ ଲାଇସେନସ୍ ବାତିଲ ହେବ ବୋଲି କହିଥିଲେ। ଯାହାକୁ ନେଇ ଚାଲିଛି ମହାଭାରତ। ଆଉ ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ଦାୟୀ ବୋଲି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଗୋଟିଏ ପଟେ ରାଜ୍ୟରେ ଓକିଲ ଆନ୍‌ଦୋଳନ ତୀବ୍ର ହେଲେ ଏହାକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖୁଛନ୍ତି। ସେପଟେ କିନ୍ତୁ ବେଂଚ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ବିସ୍ତୃତ ପ୍ରସ୍ତାବ ମାଗିଲେ ଚୁପ୍ ରହୁଛନ୍ତି। ଅର୍ଥାତ ଏକ ପ୍ରକାର ଡବଲ୍ ଗେମ୍ ଖେଳୁଛନ୍ତି ସରକାର।ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହାର ଜବାବ ରଖି କହିଛନ୍ତି, ବ୍ଲେମ୍ ଗେମ୍ ଖେଳିଲେ ହେବନି। ସର୍ବସମ୍ମତି କ୍ରମେ ପଦକ୍ଷେପ ନେଲେ ସବୁକିଛି ହୋଇପାରିବ।

## ଧର୍ମପୁର ଗ୍ରାମରେ ବ୍ୟାପିଲା ଝାଡ଼ାବାନ୍ତି : ମୃତ୍ୟୁ ସଂଖ୍ୟା ୨ କୁ ବୃଦ୍ଧି, ୮ ଆକ୍ରାନ୍ତ

ଗଞ୍ଜାମ, ୧୩।୧୨(ପି.ଏନ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଛଣମେରି ପଚାଂୟତ ଅନ୍ତର୍ଗତ ଧର୍ମପୁର ଗ୍ରାମରେ ଝାଡ଼ାବାନ୍ତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି । ଦୁଇ ଦିନ ପୂର୍ବେ ଆକ୍ରାନ୍ତ ପରୀ ଗୌଡ଼ ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ଗତକାଲି ରାତିରେ କୁମାରୀ ପ୍ରଧାନ ନାମକ ଅନ୍ୟ ଜଣେ ୬୨ ବର୍ଷିୟ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେହିପରି ଡି. ସାବିତ୍ରୀ ଦୋରା (୫୦), କାଳିଆ ନାୟକ (୪୦), ଚକ୍ରପାଣି ଗୌଡ଼ (୬୫), କାଂଚନ ଗୌଡ଼ (୫୫), ଗଦା ପ୍ରଧାନ (୬୦), ଡି.ଗଦାଧର ଦୋରା (୫୮), ବିଜୟ ଡାକୁଆ (୪୫) ଓ ଆନନ୍ଦ ପ୍ରଧାନ (୬୫) ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ କେତେକ ଦିଗପହଣ୍ଡି ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ପୋଖରୀ, ନାଳ ଏବଂ ଖୋଲା କୂଅର ଦୂଷିତ ପାଣି ବ୍ୟବହାର ଯୋଗୁଁ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବା ଅନୁମାନ କରାଯାଉଛି ।ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଆଡ଼ପଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ବାହନ ଦାଶ ଓ ଭ୍ରାମ୍ୟମାଣ ଟିମ୍ ଏହି ଗ୍ରାମକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ଏହା ସହ ପାଣିକୁ ବିଶୋଧନ କରାଯିବା ସହ ଲୋକଙ୍କୁ ଏନେଇ ସଚେତନ କରାଯାଉଛି । ଏହି ସ୍ଥିତି ପାଇଁ ଜଳ ପରିମଳ କମିଟି ଗ୍ରାମ୍ୟ ଜଳଯୋଗାଣ ବିଭାଗର ପଦାଧିକାରୀ ଓ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛି । ସେମାନଙ୍କ ଅଭିଯୋଗ ହେଉଛି, ଗ୍ରାମରେ ୩ ବର୍ଷ ହେଲା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉନାହିଁ । ଫଳରେ ଲୋକେ ଦୂଷିତ ପାଣି ପିଉଛନ୍ତି । ଆସନ୍ତା ୧୫ ତାରିଖ ସୁଦ୍ଧା ବିଶୁଦ୍ଧ ପାଣି ଯୋଗାଣ ନହେଲେ ଧର୍ମପୁର ଠାରେ ଦିଗପହଣ୍ଡି-ତପ୍ତପାଣି ରାସ୍ତାକୁ ଅବରୋଧ କରାଯିବ ବୋଲି ଜଳ ପରିମଳ କମିଟିର ସଭାପତି ଓମ୍ ପ୍ରସାଦ ସାହୁ, ସମ୍ପାଦକ ଏସ. ସୁନାକର ଦୋରା ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ଭୁବନେଶ୍ୱରରେ ଘନ କୁହୁଡି କାରଣରୁ ବିମାନ ବନ୍ଦରରେ ବିମାନ ଚଳାଚଳ ପ୍ରଭାବିତ

ଭୁବନେଶ୍ୱର, ୧୩।୧୨(ପି.ଏନ): ମଙ୍ଗଳବାର ଦିନ ରାଜଧାନୀ ଭୁବନେଶ୍ୱରେ ରେ ଘନ କୁହୁଡ଼ି ପରିଲକ୍ଷିତ ହୋଇଥିବା କାରଣରୁ ସକାଳୁ ସକାଳୁ ରାସ୍ତାରେ ଭିଜିବିଲିଟି ଅତ୍ୟନ୍ତ କମ ହୋଇଯାଇଥିଲା । ଅନ୍ୟ ପକ୍ଷରେ ଏହି ଘନ କୁହୁଡି କାରଣରୁ ବିମାନ ସେବା ଉପରେ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ଏହି ଘନ କୁହୁଡ଼ି ପାଇଁ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ବିଳମ୍ବିତ ହୋଇଛି । ଭୁବନେଶ୍ୱରରୁ ନୂଆଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବେଙ୍ଗାଲୁରୁ ଅଭିମୁଖେ ଯାତାୟତ କରୁଥିବା ବିମାନ ନିର୍ଦ୍ଧାରିତ ସମୟରେ ଉଡ଼ାଣ ଆରମ୍ଭ ନ କରି ପାରି ବିଳମ୍ବରେ ଯାତ୍ରା ଆରମ୍ଭ କରିଥିବା ଜଣା ପଡିଛି ।






# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା’ ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା’ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ ‘ସିଦ୍ଧାନ୍ତ ଦର୍ପଣ’ ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା’ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ ’ଏନଭିଗ୍ରୀନ’ ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି ।



ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର



ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି। ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜ୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ।



ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ। ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୂପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଭଲମ୍ବିଚକ୍ର'।




ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୂବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, ମୋ: ୯୯୩୭୬୯୧୪୭୫

## —୮୧ତମ ଜନ୍ମଦିନ ଅବସରରେ...—

# ଓଡ଼ିଶାର ରାଜନୀତି ଓ ଡାକ୍ତର ଦାମୋଦର ରାଉତ





ରାଜନୀତିରେ ଆସିଛି ଏବେ ନୂଆ ପରିବର୍ତ୍ତନ। ତା' ସହିତ ତାଳ ଦେଇ ପରିବର୍ତ୍ତନ ହେଉଛି ବ୍ୟକ୍ତିର ବ୍ୟକ୍ତିତ୍ୱର। ମାତ୍ର ଯେଉଁ କେତେଜଣ ଜନନେତା ପ୍ରତିକୂଳ ପରିସ୍ଥିତି ଓ ସମାଲୋଚନାକୁ ଖାତିର ନକରି ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖିଛନ୍ତି, ତନ୍ମଧ୍ୟରୁ ଜଣେ ହେଉଛନ୍ତି ପ୍ରବୀଣ ରାଜନୀତିଜ୍ଞ ତଥା ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ। ଏହି ନିଆରା ଜନନେତା ଅବିଭକ୍ତ କଟକ ଜିଲ୍ଲା ସମ୍ପ୍ରତି ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ମଲ୍ଲୀପୁର ଗ୍ରାମରେ ୧୯୪୧ ମସିହା ଡିସେମ୍ବର ମାସ ୧୪ ତାରିଖରେ ପିତା କପିଳ ଚରଣ ରାଉତଙ୍କ ଔରସରୁ ମାତା ଗଙ୍ଗାଦେବୀଙ୍କ କୋଳମଣ୍ଡନ କରିଥିଲେ। ଆଜି ୮୧ ବର୍ଷରେ ପଦାର୍ପଣ କରୁଛନ୍ତି ଡାକ୍ତର ରାଉତ । ଏହି ପରିପ୍ରେକ୍ଷୀରେ ତାଙ୍କର କର୍ମମୁଖର ଓ ଘଟଣାବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରିବା ଏହି କ୍ଷୁଦ୍ର ଆଲେଖ୍ୟଟିର ଉଦ୍ଦେଶ୍ୟ।

ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଡାକ୍ତର ଦାମୋଦର ରାଉତ। ଏକାଧାରରେ ସେ ଜଣେ ରାଷ୍ଟ୍ରନୀତିଜ୍ଞ, ବାଗ୍ମୀ, ସ୍ତମ୍ଭକାର, ସମ୍ପାଦକ, ସଂସ୍କୃତିପ୍ରେମୀ ମଣିଷ ଓ ସର୍ବୋପରି ସ୍ୱାଭିମାନୀ ଜନନେତା। ୧୯୭୪ ମସିହାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଡାକରାରେ ସରକାରୀ ଚାକିରି ଛାଡି ରାଜନୀତିରେ ପାଦ ଥାପିଥିଲେ ଡାକ୍ତର ଦାମୋଦର ରାଉତ। ପ୍ରଥମ ଥର ପାଇଁ ୧୯୭୭ ମସିହାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁନାହାଁନ୍ତି । ତାଙ୍କୁ କେବଳ ରାଜନୀତିକ ଦୃଷ୍ଟିଭଙ୍ଗୀରେ ଦେଖିଲେ ଚଳିବ ନାହିଁ। ତାଙ୍କ କଥା ଆଲୋଚନା କଲେ ଓଡିଶାର ରାଜନୀତି, ସାହିତ୍ୟ ଓ ସଂସ୍କୃତିର ବହୁ ଘଟଣାବହୁଳ ଚିତ୍ର ସ୍ମୃତିପଟ୍ଟରେ ଉଙ୍କିମାରେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ସ୍ୱକୀୟତା, ସାହସ ଓ ନିର୍ଭୀକତା ପରିସ୍ଫୁଟ ହୋଇଥାଏ। ଏହାକୁ ସେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛନ୍ତି ପ୍ରତିଟି କାର୍ଯ୍ୟରେ। ଆଜିର ତାରିଖରେ ଓଡିଶା ରାଜନୀତିର ଚଳନ୍ତି ଇତିହାସ ସେ । ଅତୀତ ଓ ଭବିଷ୍ୟତ ତାଙ୍କ ମୁହଁରେ । ପ୍ରବାଦପୁରୁଷ ବିଜୁ ପଟନାୟକଙ୍କ ଏକାନ୍ତ ସହଯୋଗୀ ଥିବା ଏହି ବରିଷ୍ଠ ଜନନେତା ଅନେକ ସମୟରେ ସତ କହି ବିବାଦୀୟ ହୋଇ ପଡନ୍ତି , କିନ୍ତୁ ଅକାଟ୍ୟ ସତ କହିବାକୁ କେବେବି ପଛଘୁଞ୍ଚା ଦିଅନ୍ତି ନାହିଁ । ନବକଳେବର ବିଭ୍ରାଟ, ମହାନଦୀ ଜଳ ବିବାଦ ହେଉ କି ନଗଡା ଶିଶୁମୃତ୍ୟୁ ବା ଅନ୍ୟାନ୍ୟ ପ୍ରସଙ୍ଗ ହେଉ ସବୁଠି ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସେ ସମାଲୋଚନା କରିଛନ୍ତି, ଆଉ ସମାଧାନର ସୂତ୍ର ବି ବତାଇଦେଇଛନ୍ତି । ଖାଲି ସେତିକି ନୁହେଁ, ବିରୋଧୀଙ୍କ ବରାବର କଟାକ୍ଷ, ବାରବାର ସମାଲୋଚନାକୁ ଖାତିର ନକରି ତଥ୍ୟଭିତ୍ତିକ ଯୁକ୍ତି ଉପସ୍ଥାପନ କରିବାରେ ସେ ମାହିର ଅଟନ୍ତି।

ଡାକ୍ତର ଦାମୋଦର ରାଉତଙ୍କ ରାଜନୈତିକ ଜୀବନ ବେଶ୍ ଚଳଚଞ୍ଚଳ । ୧୯୭୭ ମସିହାରୁ ୨୦୧୭ ମସିହା ପର୍ଯ୍ୟନ୍ତ ପ୍ରାୟ ୪ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ଓଡିଶାର ରାଜନୀତିକୁ ପ୍ରଭାବିତ କରିଆସିଛନ୍ତି। ୧୯୭୭, ୧୯୮୦, ୧୯୯୦ ଓ ୨୦୦୦, ୨୦୦୪ ମସିହାରେ ଏରସମା ନିର୍ବାଚନମଣ୍ଡଳୀରୁ ଓଡିଶା ବିଧାନସଭାକୁ ୫ଥର ନିର୍ବାଚିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଓଡିଶା ସରକାରରେ ସୂଚନା ଓ ଲୋକସମ୍ପର୍କ, ଶିଶୁ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ଭାବେ କାର୍ଯ୍ୟକରି ନିଜର ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ ଓ ୨୦୧୪ ମସିହାରେ ନବଗଠିତ ପାରାଦ୍ୱୀପ ନିର୍ବାଚନମଣ୍ଡଳୀରୁ ଲଗାତାର ୨ଥର ବିଧାନସଭାକୁ ନିର୍ବାଚିତ ହୋଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଅବକାରୀ ଓ ସମବାୟ ବିଭାଗର ମନ୍ତ୍ରୀ ରହିଥିଲେ। ଯେତେବେଳେ ତାଙ୍କୁ ଯେଉଁ ବିଭାଗର ମନ୍ତ୍ରୀପଦ ମିଳିଛି, ସେ ବିଭାଗର ଦାୟିତ୍ୱକୁ ସେ ଦକ୍ଷତାର ସହିତ ସମ୍ପାଦନ କରିଛନ୍ତି, ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ବିଶେଷକରି ପଞ୍ଚାୟତିରାଜ ମନ୍ତ୍ରୀଭାବେ ତାଙ୍କ କାର୍ଯ୍ୟକୁଶଳତା ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣୀୟ ହୋଇ ରହିଛି। ସେଥିପାଇଁ ଜାତୀୟସ୍ତରରେ ଶ୍ରେଷ୍ଠ ପଞ୍ଚାୟତିରାଜ ମନ୍ତ୍ରୀଭାବେ ସମ୍ମାନିତ ହେବା ତାଙ୍କ ଦକ୍ଷତା ଓ ପାରିବାପଣିଆର ଆଉ ଏକ ନିଛକ ନମୁନା।

୧୯୯୯ ମସିହା ମହାବାତ୍ୟା ଜନଜୀବନରେ ଯେଉଁ କରାଳ ଧ୍ୱଂସଲୀଳା ସୃଷ୍ଟି କରିଥିଲା, ତାହା ଓଡିଶାବାସୀଙ୍କ ପାଇଁ ଥିଲା ଅଭୂତପୂର୍ବ। ବିଶେଷ କରି ମହାବାତ୍ୟା ଏରସମା ଅଞ୍ଚଳକୁ ଛିନ୍‌ଭିନ୍ କରିଦେଇଥିଲା। ଏହି ମହାବାତ୍ୟା ସମୟରେ ବାତ୍ୟାଦୁର୍ଗତଙ୍କ ନିକଟରେ ପହଞ୍ଚିବା ଏବଂ ସେମାନଙ୍କୁ ଥଇଥାନ କରିବା ଓ ଜୀଇଁବାର ରାହା ଦେବାରେ ଡାକ୍ତର ରାଉତଙ୍କ ଭୂମିକା ଉଚ୍ଚ ପ୍ରଶଂସନୀୟ। ସେତେବେଳେ ସେ ବିଧାୟକ ନଥିଲେ ମଧ୍ୟ ମାଟିର ଲୋକମାନଙ୍କ ପାଖେ ପାଖେ ରହି ସମସ୍ତ ସହଯୋଗ କରିଥିଲେ । ଯାହାଫଳରେ ଧ୍ୱସ୍ତବିଧ୍ୱସ୍ତ ଏରସମାର ପୁନଃନିର୍ମାଣ ହେବାସହ ଗମନାଗମନ, ବିଜୁଳି ଓ ଭିତ୍ତିଭୂମିର ପୁନଃଉଦ୍ଧାର ହୋଇପାରିଥିଲା । ସେଥିପାଇଁ ବାତ୍ୟା ପରବର୍ତ୍ତୀ ୨୦୦୦ ମସିହା ସାଧାରଣ ନିର୍ବାଚନରେ ତାଙ୍କୁ ଲୋକମାନେ ବିପୁଳ ଭୋଟ ଦେଇ ବିଧାନସଭାକୁ ପଠାଇଥିଲେ। ଏଥିସହିତ ଶିକ୍ଷାର ବିସ୍ତାର ପାଇଁ ଏରସମାର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କୁଜଙ୍ଗର କୁଜଙ୍ଗ ମହାବିଦ୍ୟାଳୟ, ପଙ୍କପାଳର କମଳାଦେବୀ ମହାବିଦ୍ୟାଳୟ ଓ ରାହାମାର ସାରଳା ମହାବିଦ୍ୟାଳୟର ବିକାଶରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେହିପରି କୁଜଙ୍ଗ ମହୋତ୍ସବ, ଗଡକୁଜଙ୍ଗ ରଥଯାତ୍ରା ଓ କଳିଙ୍ଗ ବାଲିଯାତ୍ରାର ସଫଳତା ପଛରେ ତାଙ୍କର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ସାର୍ଥକ ଜନମତ ଉପରେ ନିର୍ଭର କରେ ବୋଲି ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ଜନମତକୁ ପ୍ରତିଫଳିତ କରିବା ପାଇଁ ସେ ପ୍ରତିଷ୍ଠା କରିଥିଲେ ଦୈନିକ ସମ୍ବାଦପତ୍ର "ସଞ୍ଚାର'' ଓ ଏହାର ସମ୍ପାଦକ ଦାୟିତ୍ୱ ମଧ୍ୟ ନେଇଥିଲେ। ଏଥିରେ ଧାରାବାହିକଭାବେ ଲେଖିଥିବା ସ୍ତମ୍ଭ ଅନୁଭୂତିରୁ ଅନୁଭବକୁ ନେଇ ନିକଟରେ ଏକ ପୁସ୍ତକ ସଙ୍କଳନ ହୋଇଛି। ଏହି ଲେଖାଗୁଡ଼ିକ ଯେତିକି ଯୁଗୋପଯୋଗୀ ସେତିକି ବାସ୍ତବଧର୍ମୀ। ଏହି ଲେଖାରୁ ତାଙ୍କର ଚିନ୍ତା ଓ ଚେତନାର ପରିପ୍ରକାଶ ତାଙ୍କ ବିଜ୍ଞତାର ପ୍ରମାଣ ଦିଏ। ସତରେ ଏହିପରି ଜଣେ ପ୍ରଜ୍ଞାପୁରୁଷ ଓଡ଼ିଶା ରାଜନୀତିରେ ବିରଳ କହିଲେ ଭୁଲ୍ ହେବନାହିଁ।

ଓଡିଆ ଜାତିର ସ୍ୱାଭିମାନ ସ୍ୱର ଏବେ କମିବାରେ ଲାଗିଛି। ଓଡିଶାର ସ୍ୱାଭିମାନ ରକ୍ଷାକରିବା ପାଇଁ ପ୍ରତ୍ୟେକ ନିର୍ବାଚିତ ପ୍ରତିନିଧି ଏ ଦିଗରେ ଆଗେଇ ଆସିଲେ ସେମାନେ ଓଡିଶାର ଜନନେତା ଭାବେ ଇତିହାସ ପୃଷ୍ଠା ମଣ୍ଡନ କରିପାରିବେ। ଡାକ୍ତର ଦାମୋଦର ରାଉତ ଦୀର୍ଘଜୀବୀ ହୁଅନ୍ତୁ ଏବଂ ସୁସ୍ଥ ଓ ନିରାମୟ ରୁହନ୍ତୁ ,ଏହାହିଁ ତାଙ୍କ ଜନ୍ମଦିନ ଅବସରରେ କାମନା!

**—ହିମାଂଶୁଶେଖର ଆଚାର୍ଯ୍ୟ**

*ଲଥଙ୍ଗ, ରାହାମା, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# 'ଦେହର ଦୁଃଖ' ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର (ପିଏନ୍): ଗତ ୧୦ ତାରିଖ ଦିନ ବୁଦ୍ଧ ମନ୍ଦିରଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଶରୋଜ ସାହୁଙ୍କ ଦ୍ୱାରା ରଚିତ 'ଦେହର ଦୁଃଖ' ଏକ ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ଲେଖକ ଦେହ ଓ ଦେହି ଏହି ଦୁଇଟି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଛନ୍ତି। ଦେହ ହେଉଛି ଏ ଶରୀର ଏବଂ ଦେହି ହେଉଛି ଆତ୍ମା। ଦେହ ବିଶ୍ରାମ ଚାହେଁ, ରାତିରେ ଶୋଇପଡ଼େ କିନ୍ତୁ ଦେହି ବା ଆତ୍ମା ତା'ର ବିଶ୍ରାମ ନାହିଁ। ସବୁବେଳେ ରକ୍ତ ସଂଚାଳନ, ନିଃଶ୍ୱାସ, ପ୍ରଶ୍ୱାସ ଏବଂ ହୃତପିଣ୍ଡ କର୍ମଚଞ୍ଚଳ ଥାଏ। ଏମାନେ କେବେ ବିଶ୍ରାମ ନିଅନ୍ତି ନାହିଁ। ବିଶ୍ୱନିୟନ୍ତା ବା ସୃଷ୍ଟିକର୍ତ୍ତା ଦେହି ବା ଆତ୍ମାକୁ ସର୍ବଦା ଚଳାଇଥାଆନ୍ତି। ଆତ୍ମା ଯୋଗୁଁ ଏ ଦେହର ହାତକୁ ଯାହା ନିର୍ଦ୍ଦେଶ ଆସିଥାଏ, ସେହି ଅନୁସାରେ ମୁଁ କିଛି ଲେଖିପକାଏ। ଆଗରୁ ବିଜ୍ଞାନ ସମ୍ବନ୍ଧୀୟ କିଛି ପୁସ୍ତକ ଲେଖୁଥିଲି। ବିଜ୍ଞାନ ଜ୍ୟୋତି, ବିଜ୍ଞାନ ଦିଗନ୍ତ ଭଳି କିଛି ପୁସ୍ତକରେ ମୋ ଲେଖା ବାହାରୁଥିଲା। ଏବେ କିନ୍ତୁ ଗୀତି କବିତା, ଭାଗବତ ଗୀତା, ଜଗନ୍ନାଥ ଆତ୍ମତୃପ୍ତି ଭଳି ଅନେକ ଲେଖା ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ମୁଁ ଲେଖିପାରୁଛି। ମୁଁ କିଛି ଜାଣିନାହିଁ, ମୁଁ ନିମିତ୍ତ ମାତ୍ର। ଯାହା ନିର୍ଦ୍ଦେଶ ଆସୁଛି, ସେହି ଅନୁସାରେ ମୋ ହାତ ଚାଲୁଛି ବୋଲି କହିଛନ୍ତି ପୁସ୍ତକର ଲେଖକ ସରୋଜ କୁମାର ସାହୁ। ପିମ୍ପୁଡିଠାରୁ ହାତୀ ପର୍ଯ୍ୟନ୍ତ ସମସ୍ତଙ୍କର ଦେହ ଅଛି। କିନ୍ତୁ, ଆତ୍ମା ମାଧ୍ୟମରେ ନିଜର ମନର କଥା ନିଜର ଭାଷାକୁ ପ୍ରକାଶ କରିବା ସମ୍ଭବ ହେଉଛି। ଦେହ ଯୋଗୁଁ ଯାହା ନ ହୋଇପାରେ, ଆତ୍ମା ଯୋଗୁଁ ସବୁ କିଛି ସମ୍ଭବ ବୋଲି ଲେଖକ ପ୍ରକାଶ କରିଛନ୍ତି। ସେହି ଆତ୍ମାର ଆଶୀର୍ବାଦ ରହିଲେ ମୁଁ ଆଗକୁ ଆହୁରି କିଛି ଲେଖିହେବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବି ଓ ଆଗାମୀ ଦିନରେ ଆନ୍ଦୋଳନ ନିମନ୍ତେ ପ୍ରସ୍ତୁତି ବୈଠକ




ଭୁବନେଶ୍ୱର (ପିଏନ୍): ଗତ ୧୦ ତାରିଖ ଦିନ ଭୁବନେଶ୍ୱରସ୍ଥ ଲୋହିଆ ଏକାଡେମୀ ଠାରେ ଓଡ଼ିଶା ପଛୁଆବର୍ଗ ଛାତ୍ର ସଂଘ ପକ୍ଷରୁ ଆଗାମୀ ଦିନରେ ସାରା ରାଜ୍ୟରେ ଓବିସି ସଂରକ୍ଷଣ ପାଇଁ ଆନ୍ଦୋଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଛି। ସାରା ଓଡ଼ିଶାରେ ୫୪ ପ୍ରତିଶତ ଲୋକ ପଛୁଆ ବର୍ଗର ହୋଇଥିବା ବେଳେ ସେମାନଙ୍କ ପାଇଁ ଉଭୟ ନିଯୁକ୍ତି ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଇନାହିଁ । ୧୯୯୦ ମସିହାରେ ମଣ୍ଡଳ କମିଶନ ସୁପାରିଶ କ୍ରମେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଭି.ପି. ସିଂ ସାରା ଭାରତବର୍ଷରେ ପଛୁଆ ବର୍ଗ ଲୋକଙ୍କ ପାଇଁ ୨୭% ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଥିଲେ । ହେଲେ ଓଡ଼ିଶାରେ ଏହି ନିୟମକୁ ଅଦ୍ୟାବଧି ଲାଗୁ କରାଯାଇନାହିଁ। ଫଳରେ ଦିନକୁ ଦିନ ଓଡ଼ିଶାରେ ଏହି ବର୍ଗର ଲୋକଙ୍କ ଆର୍ଥିକ ଓ ସାମାଜିକ ଅବସ୍ଥା ଦୁର୍ବଳ ହୋଇଯାଉଛି। ରାଜ୍ୟରେ ମୋଟ୍ ଜନସଂଖ୍ୟା ୪୦ ପ୍ରତିଶତ ଦଳିତ, ଆଦିବାସୀ ବର୍ଗର ହୋଇଥିବା ବେଳେ ସାଧାରଣ ବର୍ଗର ୬ ପ୍ରତିଶତ ଲୋକ ରହିଛନ୍ତି। ସେସବୁ ବର୍ଗ ପାଇଁ ସଂରକ୍ଷଣ ସୁବିଧା ଥିବା ବେଳେ ସର୍ବାଧିକ ୫୪ ପ୍ରତିଶତ ବାସ କରୁଥିବା ପଛୁଆ ବର୍ଗର ଲୋକଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନାହିଁ। ଫଳରେ ସେମାନେ ଶିକ୍ଷା ଓ ନିଯୁକ୍ତି ଉଭୟ କ୍ଷେତ୍ରରେ ପଛରେ ପଡ଼ିଯାଉଛନ୍ତି। ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟରେ ପଛୁଆ ବର୍ଗ ସଂରକ୍ଷଣ ତୁରନ୍ତ ଲାଗୁ କରାଯିବା ଦାବିରେ ଆଗାମୀ ଦିନରେ ସଂଘ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବା ସହ ଜାତୀୟସ୍ତରରେ ଏହି ସମସ୍ୟାକୁ ଉପସ୍ଥାପନା କରାଯିବ ବୋଲି ନିଷ୍ପତ୍ତି ନିଆଗଲା।

# ଆଦିତ୍ୟ ଆଲୁମିନା କାରଖାନା ହେବାପାଇଁ ବଡ଼ କସରତ ଆରମ୍ଭ



ଭୁବନେଶ୍ୱର (ପିଏନ୍): କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା କାରଖାନା ନେଇଥିବା ଜମିଗୁଡ଼ିକର ମାଲିକମାନେ ରାଜଧାନୀରେ କାରଖାନା ପ୍ରତିଷ୍ଠା ପାଇଁ ବଡ଼ଧରଣର କସରତ ଆରମ୍ଭ କରିଦେଇଛନ୍ତି। ଦୀର୍ଘ ୧୭ ବର୍ଷ ହେଲା କୋରାପୁଟ ଜିଲ୍ଲାର କଂସାରୀଗୁଡାଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ହେବାପାଇଁ କାରଖାନା ତରଫରୁ ଟିକିରିରୁ କଂସାରଗୁଡା ପର୍ଯ୍ୟନ୍ତ ସବୁ ଚାଷଜମିକୁ ସରଳ, ନିରୀହ ଗ୍ରାମବାସୀଙ୍କଠାରୁ ବହୁ କମ୍ ମୂଲ୍ୟରେ ଜମି ନେଇଥିଲା। ଗ୍ରାମବାସୀମାନେ ନିଜ ପିଲାଛୁଆଙ୍କ ଭବିଷ୍ୟତ କଥା ଚିନ୍ତା କରି, ଭବିଷ୍ୟତରେ କମ୍ପାନୀରେ ନିଯୁକ୍ତି ଆଶା ରଖି କମ୍ପାନୀ ପାଇଁ ଜମି ଦେଇଦେଲେ। ହେଲେ ବହୁ ବର୍ଷ ଅତିକ୍ରମ କଲାପରେ ମଧ୍ୟ ସେଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଯେଉଁ ଉଦ୍ଦେଶ୍ୟ ରଖି ଗ୍ରାମବାସୀମାନେ ଜମି ଦେଇଥିଲେ, ତାହା ପୂରଣ ନ ହେବାରୁ ଗ୍ରାମବାସୀମାନେ ସେମାନଙ୍କ ଜମିରେ ତୁରନ୍ତ କାରଖାନା ହେଉ ନଚେତ୍ ସେହି ଜମିକୁ ସେମାନଙ୍କୁ ଫେରସ୍ତ ଦିଆଯାଉ ବୋଲି ଅଡି ବସିଛନ୍ତି। ଗ୍ରାମବାସୀମାନେ ବାରମ୍ବାର ସେମାନଙ୍କ ସମସ୍ୟା ଓ କମ୍ପାନୀ ପ୍ରତିଷ୍ଠା ପାଇଁ ସରକାରଙ୍କୁ ଜଣାଇ ଆସୁଥିଲେ ମଧ୍ୟ ଏପରିକି ବିଭିନ୍ନ ସମୟରେ ରାଲି, ଧାରଣା, ଆନ୍ଦୋଳନ ଓ ବିକ୍ଷୋଭ ପ୍ରଶାସନକୁ ଚେତାବନି ଦେବାପାଇଁ କରିଆସୁଥିଲେ ମଧ୍ୟ ସରକାର ଚୁପ୍ ରହିବା ସେମାନଙ୍କ ପାଇଁ ବଡ଼ କଷ୍ଟ ଦେଇଛି। ଅନ୍ୟପକ୍ଷରେ ସେହି ଯାଗାକୁ କମ୍ପାନୀ ନିଜ ଅଧିନକୁ ନେଇଥିବାରୁ ଗ୍ରାମବାସୀମାନଙ୍କର କୌଣସି ଉନ୍ନତି ଏବଂ ସେ ଅଞ୍ଚଳର ମଧ୍ୟ କୌଣସି ବିକାଶମୂଳକ କାମ ସରକାର ଏବଂ କମ୍ପାନୀ କେହି କରୁନାହାଁନ୍ତି । ଫଳରେ ଗ୍ରାମବାସୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି କହିଛନ୍ତି ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ। ଗ୍ରାମବାସୀଙ୍କ ଗୋଟିଏ ଦାବି ଶୀଘ୍ର କାରଖାନା ପ୍ରତିଷ୍ଠା ହେଉ, ନଚେତ୍ ଜମି ଆମକୁ ଫେରାଇ ଦିଆଯାଉ। ବହୁଥର ସରକାରଙ୍କୁ ଗୁହାରି କଲେ ମଧ୍ୟ କଂସାରୀଗୁଡା ଜମିହରା, ବାସହରା ଗ୍ରାମବାସୀମାନେ ଆଉ ବେଶିଦିନ ଏ ଦୁଃଖ କଷ୍ଟ ସହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବାରୁ କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ ଓ ଜମିହରା, ବାସହରା ଗ୍ରାମବାସୀଙ୍କ ନେତା ତଥା ଆର.ପି.ଡି.ଏ.ସି.ର ସଦସ୍ୟ ରାଜେନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ଭୁବନେଶ୍ୱର ଆସି ଓଡ଼ିଶା ଖଣି ନିଗମର ଏମ୍.ଡି. ବଳବନ୍ତ ସିଂହଙ୍କୁ ସାକ୍ଷାତ କରି ଆଦିତ୍ୟ ଆଲୁମିନା କମ୍ପାନୀ ପାଇଁ ବକ୍ସାଇଟ୍ ଖଣି ଯୋଗାଇ ଦେବାପାଇଁ ଅନୁରୋଧ କରିଥିଲେ। ଗୋଟିଏ ପକ୍ଷେ ଆଦିତ୍ୟ ଆଲୁମିନା କର୍ତ୍ତୃପକ୍ଷ ସରକାର ଖଣି ଦେଉନାହାଁନ୍ତି ବୋଲି କହି କାରଖାନା କରିବାରେ ସମୟ ଗଡାଇ ଚାଲିଥିଲେ, ଯାହାକୁ ଓଏମ୍.ସି. ଏମ୍.ଡି. ସମାଧାନ କରି କମ୍ପାନୀ ଆଗ କାମ ଆରମ୍ଭ କଲାପରେ ଖୁବ୍ ଶୀଘ୍ର ଖଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ସରକାର ଖୁବ୍‌ଶୀଘ୍ର ଏଥିରେ ହସ୍ତକ୍ଷେପ କରି ଏ ସମସ୍ୟାର ସମାଧାନ ରାସ୍ତା ବାହାର କରିବେ ବୋଲି ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ଶ୍ରୀ ପ୍ରଣବ ପ୍ରକାଶ ଦାସ ଜମିହରା, ବାସହରା ଗ୍ରାମବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଶ୍ରୀ ଦୌଲ ଚୌଧୁରୀଙ୍କ ନେତୃତ୍ୱରେ ଜମିହରା ଗ୍ରାମବାସୀମାନେ ପ୍ରଣବପ୍ରକାଶ ଦାସଙ୍କୁ ତାଙ୍କ ବାସଭବନରେ ଭେଟି ଏହି ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ଆଲୋଚନାରେ ଗ୍ରାମବାସୀମାନେ ଆଶ୍ୱସ୍ତି ହେବା ସହ ଆଉ କିଛିଦିନ ଅପେକ୍ଷା କରିବା ପାଇଁ ନିଷ୍ପତ୍ତି ନେଲେ, ଯଦି ଆଦିତ୍ୟ ଆଲୁମିନା କମ୍ପାନୀ କର୍ତ୍ତୃପକ୍ଷ ଖୁବ୍ ଶୀଘ୍ର କାମ ଆରମ୍ଭ ନ କରନ୍ତି, ତେବେ ହଜାର ହଜାର ନିରୀହ ଜମିହରା ଆଦିବାସୀ ଗ୍ରାମବାସୀମାନେ ଭୁବନେଶ୍ୱରରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି କ୍ରିୟାନୁଷ୍ଠାନ କମିଟିର ସଭାପତି ଦୌଲ ଚୌଧୁରୀ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୪**

# ସମାଜର ପଥଭ୍ରଷ୍ଟଙ୍କ ପାଇଁ ପ୍ରଶ୍ନବାଚୀ ?

୧୬୧୮ଟି ଭାଷାଭାଷୀ ଜନତା ଓ ୧୧ଟି ପ୍ରମୁଖ ବିଶ୍ୱଧର୍ମକୁ ନେଇ ତଥା ଏହି ଭିନ୍ନତା ଭିତରେ ସ୍ୱାଧୀନତାର ୭୫ବର୍ଷ ଭିତରେ ଆମେ ଅନ୍ତତଃ ଐକ୍ୟଭାବେ ନିଜର ଜୀବନ ନିର୍ବାହ କରିପାରିଛୁ। ମାତ୍ର ଦୁଃଖର ବିଷୟ ବର୍ତ୍ତମାନ ସମଗ୍ର ବିଶ୍ୱ ତଥା ଏ ଭାରତର ଭୂଖଣ୍ଡ ଅସରନ୍ତି, ଅମାପ, ଅସହିଷ୍ଣୁତାର ସମସ୍ୟାରେ ଥରହର। ବେଦନାସିକ୍ତ, ଯନ୍ତ୍ରଣା ପ୍ରାପ୍ତ, ଅସୁରକ୍ଷିତ ଆଉ ବାଦବିବାଦରେ ବିଭେଦଗ୍ରସ୍ତ। ମନୁଷ୍ୟକୃତ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଂଚଳ, ଭାଷାରେ ପରିପୂର୍ଣ୍ଣ ଆମର ଏ ହିନ୍ଦୁସ୍ଥାନ। ମାତ୍ର ଆଜି ଏଠାରେ ପ୍ରତି ମୁହୂର୍ତ୍ତରେ ଚାଲିଛି ନରସଂହାର, ରାହାଜାନୀ, କୌଣସି ନା କୌଣସି ପରିଧିରେ ନିଜର ଆତ୍ମବଡିମା ତଥା ସତା ପାଇଁ। ଏହି କାରଣରୁ ଏ



ସ୍ୱର୍ଣ୍ଣପ୍ରସୂ ଭାରତ ବହୁଭାଗରେ ବିଭକ୍ତ। ଆର୍ଯ୍ୟ, ଅନାର୍ଯ୍ୟକୁ ନେଇ ବିଭାଜିତ। କ୍ଷୁଧା, ଅନାହାର, କୁପୋଷଣ, ଅପୁଷ୍ଟିକର ଖାଦ୍ୟାଭାବ କାରଣରୁ ପ୍ରତି ମୁହୂର୍ତ୍ତରେ ଜନସାଧାରଣଙ୍କ ମୃତ୍ୟୁ ଘଟୁଛି। ବେକାରୀ, ଦୁରାଚାରୀ, ନିଶାବେପାରୀ, କପଟାଚାରୀ ଶୋଷଣକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି ପ୍ରବଳ ବେଗରେ। ପ୍ରତି ତିରିଶ ଘଂଟାରେ ଜଣେ ଅରବପତି ସୃଷ୍ଟି ହେଉଥିବାବେଳେ ପ୍ରତି ୩୩ ଘଂଟାରେ ୧୨ ଲକ୍ଷ ଗରିବ ହେବାରେ ଲାଗିଛନ୍ତି। ଅଧୋଗତି ବଢିବା ସାଙ୍ଗକୁ ସତାଧାରୀମାନଙ୍କ ଅହଙ୍କାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ନୀତି, ନୈତିକତା, ଦୟା, ଅନୁକମ୍ପା, ତ୍ୟାଗ, ସେବା ମନୋଭାବ ପ୍ରାୟ ସମସ୍ତଙ୍କ ହୃଦୟରୁ ଅପସରି ଯିବାରେ ଲାଗିଛି। କଳାଟଙ୍କାର ପାହାଡ ଉପରେ ବସି ଆଜିର କଳାବେପାରୀ ସାଙ୍ଗକୁ ପ୍ରଶାସକମାନେ ଆଇନକୁ ଆଖିଠାର ମାରି ଚାଲିଛନ୍ତି। ସେବକ ବଦଳିଯାଇଛି ସେବ୍ୟର ମାନ୍ୟତାରେ। ଜାତୀୟତାର ସଂଜ୍ଞା ଏବେ ବିପନ୍ନ। ଧର୍ମକୁ ନେଇ ଧର୍ମାନ୍ଧତା, ଜାତିକୁ ନେଇ ବାଛନ୍ଦ, ବର୍ଣ୍ଣକୁ ନେଇ ବିଭକ୍ତିକରଣ, ଭାଷାକୁ ନେଇ ଆନ୍ଦୋଳନ। ଯୋଗ୍ୟତା ବଛାଯାଉଛି ପ୍ରିୟାପୀତିରେ। ପ୍ରେମ ପ୍ରୀତିର ସଂଜ୍ଞା ବଦଳିଛି ପ୍ରତାରଣାରେ। ଆତ୍ମକୈନ୍ଦ୍ରିକ ମାନସିକତା ଯୋଗୁ ପରିବାର ଆଜି ନଷ୍ଟଭ୍ରଷ୍ଟ। ମୌଳିକତା ହରାଉଛି ଆଧ୍ୟାତ୍ମିକ ବିଜ୍ଞାନ। ବ୍ୟକ୍ତିଗତ ଚରିତ୍ର ଆଜି ବଦଳିଯାଉଛି ରୁଗ୍ଣ ମାନସିକତାରେ। ସ୍ୱାସ୍ଥ୍ୟସେବା ଆଜି ବିପନ୍ନ, ଯାହା ଆଜି ମଧ୍ୟ ପହଂଚିପାରୁନି ଅଧାରୁ ଅଧିକ ସାଧାରଣ ଜନତାଙ୍କ ପାଖରେ। ଦେହ ବିକ୍ରି କରୁଛନ୍ତି ମା'ମାନେ ପେଟ ବିକଳରେ। କେବଳ ସେତିକି ନୁହେଁ ପେଟର କ୍ଷୁଧା ମେଂଟାଇବା ପାଇଁ ଜନ୍ମିତ ଶିଶୁକୁ ମଧ୍ୟ ଅନ୍ୟକୁ ଟେକିଦେବା ପାଇଁ ଭ୍ରୂକ୍ଷେପ କରୁନାହାଁନ୍ତି। କୃଷିଜୀବିମାନେ ଏବେ ଦାଦନ ସାଜିଲେଣି। କଷ୍ଟଉପାର୍ଜିତ ମନୁଷ୍ୟମାନଙ୍କ ଶ୍ରମ ଟଙ୍କାରେ ଅଣୁ ଅସ୍ତ୍ରରେ ଖର୍ଚ୍ଚ ହେଉଛି ଏହି ଅର୍ବୁଦ ପରିମାଣର ଅର୍ଥ। ମଣିଷ ତିଆରି କାରଖାନାରେ ତତ୍ତ୍ୱାବଧାରକ, ଗୁରୁ, ଶିକ୍ଷକ, ଅଧ୍ୟାପକ ରାଜନୀତିରେ ସଂଶ୍ଳିଷ୍ଟ ହେବାସହ ଏବେ ଗୋଟି ଶ୍ରମିକ। ଚତୁର, ଗଳିପୋଷା ଶିକ୍ଷକ ଅଧ୍ୟାପକମାନେ ଘରୋଇ ପାଠଶାଳାରେ କାର୍ଯ୍ୟରତ। ଆଜି ମଣିଷଟିଏ ହେବାପାଇଁ ମଣିଷଛୁଆ ବିମୁଖ। ମାଗଣାରେ ବଂଟାଚାଲିଛି ଅଶିକ୍ଷା, କୁଶିକ୍ଷା। କୋଟି ଓଡ଼ିଆର ମଉଡ଼ମଣୀ ଜଗନ୍ନାଥ ଆଜି ଅସହାୟ। ସେ ଆଜି କୋଣଠେସା। ବିଦେଶୀ ପୁଂଜି ଲାଗୁଛି ସ୍ୱଦେଶୀ ଅନୁଷ୍ଠାନରେ। ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଯନ୍ତ୍ରୀ ଆଜି ଠିକାଦାରଙ୍କ ପର୍ଯ୍ୟବେକ୍ଷକ। ଜନପ୍ରତିନିଧି ଆଜି ଲକ୍ଷ୍ୟହୀନ, ଅପରାଧୀ, ଅଭିଯୁକ୍ତ, ଚରିତ୍ରହୀନ ତଥା ଲାଂଚଖୋର ଓ ନିଶାଖୋର। ଉପରୋକ୍ତ ସମସ୍ୟାକୁ ନେଇ ଆଜିର ଦରିଦ୍ର, ଅବହେଳିତ, ଦୁଃସ୍ଥ, ପତିତ, ନିର୍ଯ୍ୟାତିତ ଜନତା ଜନାର୍ଦ୍ଦନ। ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୋଟିଏ ଯୋଜନା ମାତ୍ର ସମୟାନୁସାରେ ଗୋଟିଏ ପୂରଣ ହୁଏନା। ସାମ୍ୟବାଦ, ସମାଜବାଦ କଥା କହୁଥିବା ବ୍ୟକ୍ତି ଆଜି ଶିଥିଳତା, ସ୍ଥିରତା ଆଡକୁ ଅଗ୍ରସର। ଗଣମାଧ୍ୟମ ଆଜି ବିଶେଷଭାବରେ ସାମାଜିକ ସମସ୍ୟାକୁ ନେଇ ଆଲୋଚନା, ପର୍ଯ୍ୟାଲୋଚନା କରିବା ପାଇଁ କୁଣ୍ଠାବୋଧ ଏବଂ ନିରୁତ୍ସାହିତ ଅନେକ କାରଣରୁ ଯାହା କହିବାପାଇଁ ଲାଜ ଲାଗୁଛି। ଗଣତନ୍ତ୍ର ଆଜି ଗଣଚେତନାଠୁ ଅଲଗା। ଧର୍ମାନ୍ଧ କାମାନ୍ଧମାନଙ୍କ ଦ୍ୱାରା ଧର୍ଷିତା। ଧର୍ମର ଦୁହା ଦେଇ ଧର୍ମାନ୍ଧ ଗୁରୁମାନେ ନିଜର ବଡପଣିଆ ଜାହିର କରିବାରେ ବ୍ୟସ୍ତ। ଯେଉଁ ଯୁଦ୍ଧ କଦାକାଳକୁ ଶୁଭଙ୍କରୀ ନୁହେଁ ଆଜି ସେ ଯୁଦ୍ଧ ଘଟିଚାଲିଛି ନିଜର କ୍ଷମତା, ପ୍ରଭୁତ୍ୱ ଓ ବିସ୍ତାର ପ୍ରକ୍ରିୟାକୁ ନେଇ। ଏହି ଯୁଦ୍ଧକୁ ଆହୁରି ତୀବ୍ର ଓ ସାଂଘାତିକ କରିବା ପାଇଁ ସବୁଦେଶ ନିଜର ସୁରକ୍ଷା ତଥା ପତିଆରା ପାଇଁ ଗୋଳା, ବାରୁଦ, କମାଣ, ଅଣୁ, ପରମାଣୁ ବୋମା ଏବଂ ଆହୁରି ଅଧିକ ଶକ୍ତିଶାଳୀ ଅସ୍ତ୍ର ପ୍ରସ୍ତୁତି କରିବାରେ ଲାଗିଛନ୍ତି। ଏଥିପାଇଁ କିଏ ଦାୟୀ? ଏ ପ୍ରଶ୍ନ ଉପରେ କେହି କେବେ ଆଲୋଚନା କରୁନାହାଁନ୍ତି। ଆଜିର ଆଣବିକ ଯୁଗରେ ନିରସ୍ତ୍ରୀକରଣ ଏକାନ୍ତ କାମ୍ୟ। ଏଥିପାଇଁ କୌଣସି ପ୍ରକାର ଦ୍ୱନ୍ଦ୍ୱ ସୃଷ୍ଟି ହେବା ଅର୍ଥ ମାନବଜାତିର ଧ୍ୱଂସକୁ ନିମନ୍ତ୍ରଣ କରିବା। ସଭ୍ୟତାର ବିକାଶ ପୂର୍ବରୁ ଆଦିମାନବ ଯୁଦ୍ଧ କରୁଥିଲା ନିଜର ଖାଦ୍ୟ ପାଇଁ; ମାତ୍ର ଆଜିର ବିକାଶଶୀଳ ସଭ୍ୟତାରେ ମଣିଷ ଯୁଦ୍ଧ କରୁଛି ସଭ୍ୟତା ତଥା ତାର କ୍ଷମତାର ବିସ୍ତାର ପାଇଁ। "ଧର୍ମଂ ଶରଣଂ ଗଚ୍ଛାମି, ସଂଘମ୍ ଶରଣଂ ଗଚ୍ଛାମି" ଆଜି ମୂଲ୍ୟହୀନ। ପ୍ରମୁଖ ଧର୍ମର ବାର୍ତ୍ତା ଏକ ବୋଲି ଗୀତା, ଭାଗବତ, ରାମାୟଣ, ବେଦ, ପୁରାଣ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ ସାହେବ ମାନି ନେଇଥିବା ବେଳେ ବିଶେଷଭାବରେ ଆଲ୍ଲା, ରାମ, ଯୀଶୁ, ଈଶ୍ୱରଙ୍କ ଭିତରେ କେବେ ମତଭେଦ ନଥିବାବେଳେ ସେଇ ଗ୍ରନ୍ଥକୁ ମାନୁଥିବା ଓ ପାଳୁଥିବା ମଣିଷମାନଙ୍କ ଭିତରେ କାହିଁକି ଏ ମତଭେଦ? ଗୋଟିଏ ଦୃଷ୍ଟି ହେଉଛି ମଣିଷପଣିଆ। ଏହା ସର୍ବଗ୍ରନ୍ଥର ମାନ୍ୟତା, ମହାନତା। ଏହା ଯଦି ସର୍ବମୟ କର୍ତ୍ତାଙ୍କ ବାଣୀ, ସବୁ ଧର୍ମର ମର୍ମ, ସବୁ ଶାସ୍ତ୍ରର ସମ୍ମତ ତେବେ ଜାତି, ଧର୍ମ, ବର୍ଣ୍ଣ, ଅଂଚଳ, ଭାଷାକୁ ନେଇ ଏତେ ବୈଷମ୍ୟ କାହିଁକି? ସମାଜରେ କିଏ ସୃଷ୍ଟି କରୁଛି ଏ ଅରାଜକତା? ଏ ସମସ୍ୟାର କ'ଣ ସମାଧାନ ନାହିଁ? ଆଜି ପ୍ରତ୍ୟେକ ମାନବଜାତି କୁହନ୍ତୁ ମଣିଷକୁ ତା'ର ବାୟୁରେ ଅମ୍ଳଜାନ ଦରକାର ନା କୁବେର ସମ୍ପତି ଦରକାର? ସ୍ୱାଧୀନ ଚେତନାରେ ରହିବା ଦରକାର ନା ମାଗିଖିଆ ହୋଇ ପର ଅଧୀନରେ ରହିବା ଦରକାର? ଧର୍ମକୁ ବଂଚାଇବା ପାଇଁ ପ୍ରକୃତ ଧାରା ନା ଆତ୍ମବଡିମାରେ ବିଶ୍ୱବିଜୟୀର ଚିନ୍ତାଧାରା। ପୃଥିବୀକୁ ବଦଳାଇ ଦିଆଯାଉ ମାନବ ଧର୍ମରେ। ଗୋଟିଏ ଭାଷା ହେଉ "ବସୁଧୈବ କୁଟୁମ୍ବକମ୍"। ମଣିଷକୁ ମଣିଷ ପରି ଗଢିବା ଲାଗି ପ୍ରକୃତ ମଣିଷ ତିଆରି କାରଖାନାର ସୃଷ୍ଟି ହେଉ। ପ୍ରତ୍ୟେକ ପ୍ରତ୍ୟେକଙ୍କ ଦୁଃଖ ଯନ୍ତ୍ରଣାକୁ ବାଂଟିନେଇ ସମାଜ ପାଇଁ କାମ କରିଲେ ହସି ଉଠିବ ଏ ସମାଜ, ହସି ଉଠିବ ଭାରତ ତଥା ବିଶ୍ୱ।

**ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

*ବେଦାନ୍ତ ଶାସ୍ତ୍ର ମନୁଷ୍ୟର ପ୍ରକୃତ ପରିଚୟ ଓ ସ୍ଥାୟୀ ଠିକଣା ସମ୍ବନ୍ଧରେ ସୂଚନା ଦିଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସୁରକ୍ଷା ସଂକଟରେ ଜାପାନ

**ସୌମେନ୍ଦ୍ର ଜେନା**



ଏସିଆର ପ୍ରମୁଖ ଦେଶଗୁଡିକ ମଧ୍ୟରେ ଜାପାନ ଏକ ବିକଶିତ ରାଷ୍ଟ୍ର । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇ ମଧ୍ୟ ଜାପାନ ନିଜକୁ ଗଢିବା ଉଦ୍ୟମ ଏପର୍ଯ୍ୟନ୍ତ ଜାରି ରଖିଛି । ଆମେରିକାର ପର୍ଲହାର୍ବର ଉପରେ ୭ ଡିସେମ୍ବର ୧୯୪୧ରେ ଜାପାନୀ ସେନାର ଆକ୍ରମଣରେ ୮ ଯୁଦ୍ଧପୋତ, କ୍ରୁଇଜର, ଡେଷ୍ଟ୍ରୟର, ୨୦୦ ଯୁଦ୍ଧ ବିମାନ ନଷ୍ଟ ହେବା ସହ ପ୍ରାୟ ୨୪୦୦ ସେନାଙ୍କ ମୃତ୍ୟୁ ହୋଇଥିଲା ଓ ୧୧୭୮ ସୈନ୍ୟ ଆହତ ହୋଇଥିଲେ । ଏହାର ଜବାବରେ ଆମେରିକା ୬ ଓ ୮ ଅଗଷ୍ଟ ୧୯୪୫ରେ ହିରୋସୀମା ଏବଂ ନାଗାସାକୀ ଉପରେ ଆକ୍ରମଣ କରି ପରମାଣୁ ବୋମା ପକାଇବା ଯୋଗୁ ପ୍ରାୟ ୫ଲକ୍ଷ ଲୋକ ମୃତାହତ ହୋଇଥିଲେ । ଏହାପରେ ଜାପାନୀ ସେନା ଆତ୍ମସମର୍ପଣ କରିଥିଲେ । ଜାପାନର ସମ୍ବିଧାନରେ ଧାରା -୯ ଅନୁସାରେ ଜାପାନ କୌଣସି ରାଷ୍ଟ୍ର ଉପରେ ଆକ୍ରମଣ କରିବ ନାହିଁ ବୋଲି ଯୋଡାହେଲା । ୧୯୬୦ରେ ଆମେରିକା-ଜାପାନ ମଧ୍ୟରେ ଚୁକ୍ତି ହେବାପରେ ଜାପାନର ସୁରକ୍ଷା ପାଇଁ ସ୍ଥାୟୀ ଭାବରେ ଆମେରିକାର ସେନା ଜାପାନରେ ରହିଲେ । ସେମାନଙ୍କ ଖର୍ଚ୍ଚ ଜାପାନ ଦେବାକୁ ବ୍ୟବସ୍ଥା ରହିଲା । ଯେଉଁଥିପାଇଁ ଏବେ ମଧ୍ୟ ବହୁସଂଖ୍ୟାରେ ଆମେରିକାର ସେନା ଜାପାନରେ ରହିଲେ । ଡିସେମ୍ବର ୧୯୬୭ରେ ପ୍ରଧାନମନ୍ତ୍ରୀ ଐସାକୁ ସାତୋ ଜାପାନ ଆଣବିକ ଅସ୍ତ୍ର ନିର୍ମାଣ, ପରୀକ୍ଷଣ କିମ୍ବା ପ୍ରୟୋଗ ପାଇଁ ନିଜ ମାଟିକୁ ବ୍ୟବହାର କରିବ ନାହିଁ ବୋଲି ଘୋଷଣା କଲେ । କିନ୍ତୁ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ, ତାଇୱାନ ଦଖଲ ପାଇଁ ଚୀନର ପ୍ରୟାସ, ଉତ୍ତର କୋରିଆର ଜାପାନ ବାୟୁସୀମା ମଧ୍ୟ ଦେଇ କ୍ଷେପଣାସ୍ତ୍ର ପରୀକ୍ଷଣ, ନିକଟରେ ରୁଷ-ଚୀନର ବୋମାବର୍ଷକ ବିମାନ ଜାପାନର ବାୟୁସୀମାରେ ପ୍ରବେଶ କରିବା ଘଟଣାକୁ ଜାପାନ ଗୁରୁତର ଭାବେ ଗ୍ରହଣ କରିଛି । ଆମେରିକା ସରକାରର ଅସ୍ଥିର ନୀତି ଆଗାମୀ ଦିନରେ ଜାପାନକୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ଜାପାନର ଭରସା କମିବାରେ ଲାଗିଛି । ତେଣୁ ଜାପାନ ଆଗାମୀ ଦିନରେ ୨୦ହଜାର ଟନ୍ ବିଶିଷ୍ଟ ଡେଷ୍ଟ୍ରୟର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି । ପୂର୍ବରୁ ମାୟା ଶ୍ରେଣୀର ଯୁଦ୍ଧପୋତ ଜେ.ଏସ୍.ମାୟା (୧୯.୦୩.୨୦୨୦) ଏବଂ ଜେଏସ୍ ହାଗୁରୋ (୧୯.୦୩.୨୦୨୧) ଜାପାନ ହାତରେ ରହିଛି ।

ଜାପାନର ସୁରକ୍ଷା ପାଇଁ ଜାପାନର ନିଜସ୍ୱ ସେ ବାହିନୀ ଗଢାଯିବା ଲାଗି ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ୨୦୧୪ରୁ ଆତ୍ମରକ୍ଷା କଥା କହିବାକୁ ଆରମ୍ଭ କରିଥିଲେ । କିନ୍ତୁ ଚଳିତ ବର୍ଷ ନିର୍ବାଚନ ପ୍ରଚାର କରିବା ସମୟରେ ନାରା ସହରରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା, ଯେଉଁଥିରେ ତାଙ୍କର ମୃତ୍ୟୁ ହୋଇଥିଲା । କିନ୍ତୁ ତାଙ୍କ ଉପରେ ଆକ୍ରମଣ କରିଥିବା ୪୧ବର୍ଷୀୟ ୟାମାଗାମୀ ଯେଉଁ ୟୁନିଫିକେସନ୍ ଚର୍ଚ୍ଚର କଥା କହିଥିଲା ତା' ପଛରେ ବିଶେଷ ସତ୍ୟତା ନଥିବା ପରେ ଅନୁସନ୍ଧାନରୁ ଜଣାପଡିଛି । ତେଣୁ ଆବେଙ୍କ ହତ୍ୟା ପଛରେ ଆମେରିକା କିମ୍ବା ଚୀନ୍‌ର ଏଜେନ୍ସୀଙ୍କ ହାତ ଥିବା କଥା ଜାପାନ ସରକାର ସନ୍ଦେହ କରୁଛନ୍ତି । ତେଣେ ଶକ୍ତିଶାଳୀ ଜାପାନ ଚୀନ ପାଇଁ ଚିନ୍ତା ବଢାଇବ । ନିକଟରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡା କାମ୍ବୋଡିଆଠାରେ ଅନୁଷ୍ଠିତ ପୂର୍ବ ଏସିଆ ଶିଖର ସମ୍ମିଳନୀରେ କହିଥିଲେ ଯେ ଚୀନର କାର୍ଯ୍ୟ ଜାପାନର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବା ସହ ଆ□ଳିକ ଉତ୍ତେଜନା ବୃଦ୍ଧି କରୁଛି । ସେହିପରି ୧୭ ନଭେମ୍ବର ୨୦୨୨ରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଆପେକ୍ ଆଲୋଚନାରେ କିସିଡା ସେନ୍‌କାକୁ ଦ୍ୱୀପ ଏବଂ ତାଇୱାନ ପ୍ରସଙ୍ଗରେ ଚୀନର ନୀତି ସହ ଏକମତ ନଥିବା ସ୍ପଷ୍ଟ କରିଥିଲେ । ଏପରିକି ଉଇଘୁରମାନଙ୍କ ମାନବାଧିକାର ପ୍ରସଙ୍ଗରେ କିସିଡା ଚୀନକୁ ପ୍ରଶ୍ନ କରିଥିଲେ ।

ଆମେରିକା ପ୍ରତିନିଧି ସଭାର ପୂର୍ବତନ ବାଚସ୍ପତି ନାନ୍‌ସୀ ପେଲୋସୀଙ୍କ ତାଇୱାନ ଗସ୍ତକାଳରେ ଚୀନପକ୍ଷରୁ ଶକ୍ତି ପ୍ରଦର୍ଶନ ପାଇଁ ଯେଉଁ କ୍ଷେପଣାସ୍ତ୍ର ଛଡାଯାଇଥିଲା ତାହା ଜାପାନର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରରେ ପଡିଥିଲା । ଏହିସବୁ ଦୃଷ୍ଟିରୁ ସିଞ୍ଜୋ ଆବେଙ୍କ ଠାରୁ କିସିଡାଙ୍କ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀମାନେ ଜାପାନର ସୁରକ୍ଷାକୁ କେନ୍ଦ୍ରକରି ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି । ଏକଥା ସତ ଯେ ଆବେଙ୍କ ଉପରେ ଆକ୍ରମଣ ହେଲାପରି ଅତୀତରେ ୧୯୩୦ରେ ଜାପାନ ପ୍ରଧାନମନ୍ତ୍ରୀ ସୁୟୋଶୀ ଇନୁକାଇ ଏବଂ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ଉପରେ ଆକ୍ରମଣ ହୋଇଥିଲା, ଯାହା ଜାପାନର ସାମରିକୀକରଣକୁ ଦ୍ରୁତତର କରିଥିଲା । ତାହା ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ୟତମ କାରଣ ହୋଇଥିଲା । ଏବେ ସେମିତି ଏକ ପରିସ୍ଥିତି ସୃଷ୍ଟି ହୋଇଛି । ଜାପାନର ସରକାର ରାଷ୍ଟ୍ର ଏବଂ ଲୋକଙ୍କ ପୂର୍ଣ୍ଣ ସୁରକ୍ଷା ପାଇଁ ୨୦୨୩ରେ ପ୍ରତିରକ୍ଷା ବଜେଟ ୭୯୦ ବିଲିଅନ ଡଲାରକୁ ବୃଦ୍ଧି କରିଛନ୍ତି । ଯାହାର ପ୍ରଭାବରୁ ଅଧିକ ଟିକସ ଲୋକଙ୍କ ଉପରେ ଲାଗିପାରେ ବୋଲି କୁହାଯାଉଛି । ଚଳିତବର୍ଷ ଶେଷ ସୁଦ୍ଧା ଜାପାନର ନୂତନ ସୁରକ୍ଷା ନୀତି ପ୍ରକାଶ ପାଇବ । ତା' ପୂର୍ବରୁ ଅକ୍ଟୋବର ମାସରେ ପ୍ରତିରକ୍ଷା ସହଯୋଗ ଏବଂ ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ ପାଇଁ ଜାପାନ ବୁଝାମଣା କରିଛି । ଡିସେମ୍ବର ମାସରେ ବ୍ରିଟେନ ସହ ପ୍ରତିରକ୍ଷା ବୁଝାମଣା ପାଇଁ ଘୋଷଣା କରାଯାଇଛି । ୨୦ବର୍ଷ ପରେ ଆନ୍ତର୍ଜାତିକ ଫ୍ଲିଟ୍ ରିଭ୍ୟୁ ଜାପାନ ଆୟୋଜିତ କରିବାକୁ ଯାଉଛି, ଯେଉଁଥିରେ ୩୮ ଯୁଦ୍ଧ ପୋତ ଅଂଶଗ୍ରହଣ କରିବେ । ଏହି ଅଭ୍ୟାସରେ ଦକ୍ଷିଣ କୋରିଆ, ସିଙ୍ଗାପୁର ଏବଂ ଜାପାନର ନୌସେନା ଅଂଶଗ୍ରହଣ କରିବେ । ଏହାଛଡା ୪ ନଭେମ୍ବର ୨୦୨୨ରେ ଜାପାନ ନାଟୋର ସାଇବର ସୁରକ୍ଷା ପ୍ରତିରକ୍ଷା ପ୍ଲାଟଫର୍ମରେ ଯୋଗ ଦେଇଥିଲା । ଆଗାମୀ ଦିନରେ ବ୍ରିଟେନ, ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରି ପା□ଆଖିଆ ଗୋଇନ୍ଦା ଗୋଷ୍ଠୀରେ ଜାପାନ ଯୋଗଦେବ ।

ଜାପାନର ସୁରକ୍ଷା ପାଇଁ ଅନେକ ଆହ୍ୱାନ ଥିଲାବେଳେ ଦେଶର ଆଭ୍ୟନ୍ତରୀଣ ସମସ୍ୟା କିଛି କମ୍ ନାହିଁ । କାରଣ ବିଗତ ୨୦ ବର୍ଷ ମଧ୍ୟରେ ଦେଶରେ ୧୦ଜଣ ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୮ଜଣ ଦେଢବର୍ଷ ପୂରଣ କରି ନ ପାରି କ୍ଷମତାରୁ ହଟିଛନ୍ତି । ନିର୍ବାଚନ ପୂର୍ବରୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସହ ଜନସମର୍ଥନ ରହିଥିଲା । ହେଲେ ଆବେଙ୍କ ମୃତ୍ୟୁ ପରେ ନିର୍ବାଚନକୁ ବିଳମ୍ବିତ ନକରିବା ହେତୁ କିସିଡାଙ୍କ ଉପରେ ଲୋକଙ୍କ ସନ୍ଦେହ ବଢିଛି । ପ୍ରଥମେ ଏହି ସରକାର ତିନିବର୍ଷ କାର୍ଯ୍ୟକରିପାରିବ ବୋଲି କୁହାଯାଉଥିଲେ ହେଁ ଏବେ କିନ୍ତୁ ସନ୍ଦେହ ବଢିବାରେ ଲାଗିଛି । ଜୁଲାଇ ୨୦୨୨ରୁ କିସିଡାଙ୍କର ଲୋକପ୍ରିୟତା ଜାପାନରେ ହ୍ରାସ ପାଇବାରେ ଲାଗିଛି । ୬୯ ପ୍ରତିଶତ ଦେଶବାସୀ ୟୁନିଫିକେସନ ଚର୍ଚ୍ଚକୁ ସରକାର ଦେଉଥିବା ସମସ୍ତ ପ୍ରକାରର ସୁବିଧାକୁ ବନ୍ଦ କରାଯିବା ଚାହୁଁଛନ୍ତି । ହେଲେ ସଂସଦର ପ୍ରାୟ ୪୮୫ ଜଣ ସଦସ୍ୟଙ୍କର ସଂପର୍କ ବିବାଦୀୟ ୟୁନିଫିକେସନ ଚର୍ଚ୍ଚ ସହିତ ରହିଥିବା ଜଣାପଡିଛି । ନିର୍ବାଚନରେ କିସିଡାଙ୍କ ଦଳକୁ ପାଣ୍ଠି ଯୋଗାଣ ନେଇ ଗଣମାଧ୍ୟମରେ ଅଭିଯୋଗ ଉଠିଛି । ତାଙ୍କ ଦଳ ଲିବରାଲ ଡେମୋକ୍ରେଟିକ ପାର୍ଟିକୁ ପ୍ରଦତ୍ତ ଦାନର ଭୁଲ ଉପଯୋଗ ନେଇ ପ୍ରଶ୍ନ ଉଠିବା ଯୋଗୁ ଗୃହମନ୍ତ୍ରୀ ମିନେରୁ ତେରାଡାଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାକୁ ହୋଇଛି । ତାଙ୍କ ପୂର୍ବରୁ ୨୪ ଅକ୍ଟୋବରରେ ଆର୍ଥିକ ମନ୍ତ୍ରୀ ଦାୟିଶିରୋ ୟାମାଗାୱା ମଧ୍ୟ ୟୁନିଫିକେସନ୍ ଚର୍ଚ୍ଚ ସହ ସଂପର୍କ ରଖିଥିବା ଯୋଗୁ ଇସ୍ତଫା ଦେଇଥିଲେ । ୧୧ ନଭେମ୍ବର ୨୦୨୨ରେ ଅନ୍ୟଜଣେ ମନ୍ତ୍ରୀ ୟାସୁହିରୋ ମଧ୍ୟ ଇସ୍ତଫା ଦେଇଥିଲେ । ଏବେ ମନ୍ତ୍ରୀମାନଙ୍କ ଇସ୍ତଫା ଦେବାକୁ ଧାଡି ଲାଗିଥିବାରୁ ଜାପାନ ନେତାବିହୀନ ହୋଇପଡିଲା ପରି ଜଣାପଡୁଛି । କିସିଡାଙ୍କ ଭାବମୂର୍ତ୍ତି ଦୁର୍ବଳ ହେବା ଯୋଗୁ ସେ ଲୋକପ୍ରିୟତା ହରାଇଛନ୍ତି । ଆଗାମୀ ଦୁଇବର୍ଷ ପାଇଁ କୌଣସି ନିର୍ବାଚନ ନଥିଲେ ମଧ୍ୟ ସରକାରଙ୍କ ସ୍ଥିରତା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୋରୋନା ଯୋଗୁ ପୃଥିବୀର ଅନେକ ଦେଶର ମୁଦ୍ରା ଦୁର୍ବଳ ହେଲାପରି ଜାପାନର ୟେନ ମଧ୍ୟ ଦୁର୍ବଳ ହୋଇଛି । ଜାନୁଆରୀରେ ଡଲାର ପିଛା ୧୧୩ ୟେନ ଥିଲାବେଳେ ଏପ୍ରିଲ ମାସରେ ୧୩୦ ଏବଂ ଅକ୍ଟୋବର ୨୦ ବେଳକୁ ୧୫୦କୁ ଖସିଯାଇଥିଲା । ସେଥିପାଇଁ ଚଳିତବର୍ଷ ଦେଶର ବିକାଶ ହାର ୧.୨ ପ୍ରତିଶତ କମ୍ ହୋଇଥିଲା । ବହୁଦିନ ଧରି ଦେଶର ଏହି ଧୀମା ବୃଦ୍ଧିହାର ଲାଗିରହିଛି । ମୁଦ୍ରାସ୍ଫୀତି ୪୦ବର୍ଷର ରେକର୍ଡକୁ ଟପିଛି । ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ୨୦୧୨ରେ ନୂଆ ଅର୍ଥନୀତି ଘୋଷଣା କରିଥିଲେ ଯାହାକୁ ସିବେ ଅର୍ଥନୀତି କୁହାଗଲା । ଦେଶର ଆର୍ଥିକ ସୁଧାର ପାଇଁ ସେ କମ୍ ସୁଧହାର ଏବଂ ଅଧିକ ଖର୍ଚ୍ଚ କରିବା ଉପରେ ଜୋର ଦେଇଥିଲେ । ମୁଦ୍ରାନୀତି ସହଜ ହେବା ପାଇଁ ସେ କହୁଥିଲେ । ବୟସ୍କ ଲୋକଙ୍କ ଯତ୍ନ ପାଇଁ ଅଧିକ ଧ୍ୟାନ ଦେବାକୁ ସେ ଜୋର ଦେଉଥିଲେ ।

ଏବେ ଆବେଙ୍କ ମୃତ୍ୟୁପରେ ଜାପାନ ରାଜନୈତିକ ନେତୃତ୍ୱ ଦୃଷ୍ଟିରୁ ଦୁର୍ବଳ ହୋଇଛି ଏବଂ ଦେଶରେ ଆଭ୍ୟନ୍ତରୀଣ ଅସ୍ଥିରତା ବଢିଛି, ବାହ୍ୟଶକ୍ତିଙ୍କ ଆକ୍ରମଣ ଭୟ ମଧ୍ୟ ବଢିଛି । ଜାପାନର ଏହି ଅସ୍ଥିରତା ପାଇଁ ଭାରତର ଚିନ୍ତା ମଧ୍ୟ ବଢିବ, ଏଥିରେ କୌଣସି ସନ୍ଦେହ ନାହିଁ । କାରଣ ଜାପାନ ଭାରତରେ ୫ମ ବଡ ପୁଞ୍ଜି ନିବେଶକ ରାଷ୍ଟ୍ର । ପ୍ରାୟ ୩୭ ବିଲିଅନ ଡଲାର ଭାରତରେ ନିବେଶ କରିଛି ଜାପାନ । ଆଗାମୀ ୫ବର୍ଷରେ ଅଧିକ ୪୨ ବିଲିଅନ ଡଲାର ପୁଞ୍ଜିନିବେଶ ପାଇଁ ଜାପାନର ପ୍ରତିଶ୍ରୁତି ରହିଛି । ଗତ ମାର୍ଚ୍ଚ ମାସରେ କିସିଡାଙ୍କ ଭାରତ ଗସ୍ତ କାଳରେ ୧୪ଶ ଭାରତ-ଜାପାନ ଶିଖର ବୈଠକ ହୋଇଥିଲା । ଭାରତର ପଛୁଆ ଅ□ଳ ଉତ୍ତରପୂର୍ବା□ଳ ଏବଂ ଆଣ୍ଡାମାନ-ନିକୋବରରେ ଜାପାନ ପୁଞ୍ଜିନିବେଶ କରୁଛି । ଜାପାନ ଇଣ୍ଟରନେସନାଲ ଏଜେନ୍ସୀ ୧୩୩ ମିଲିଅନ ଡଲାର ଆଣ୍ଡାମାନ ନିକୋବରର ବିଦ୍ୟୁତ ଯୋଗାଣ ପାଇଁ ଖର୍ଚ୍ଚ କରିବାକୁ କହିଛି । ଭାରତରେ ବୁଲେଟ ଟ୍ରେନ ପ୍ରକଳ୍ପ, ବନ୍ଦର, ଜଳ ଯୋଗାଣ, ଶକ୍ତି, କୃଷି, ମେଟ୍ରୋ ରେଳ ପ୍ରକଳ୍ପ, ରିଙ୍ଗ ରୋଡ୍ ପରି ପ୍ରକଳ୍ପରେ ପ୍ରାୟ ୭୫୦୦୦ କୋଟି ଡଲାର ଜାପାନ ଖଟାଇଛି, ୨୯ଟି ଜଳପ୍ରକଳ୍ପ ପାଇଁ ୩୦୦୦୦କୋଟି ଡଲାର ଦେଇଛି । କୃଷି ଓ ଶକ୍ତି ଆଦି କ୍ଷେତ୍ରରେ ୨୦୦୬ରୁ ଜାପାନୀ କମ୍ପାନୀମାନେ କାର୍ଯ୍ୟ କରୁଛନ୍ତି । ୮ ରାଜ୍ୟର ୧୧ ଶିଳ୍ପ ନଗରୀରେ ୧୪୦୦ ଜାପାନ କମ୍ପାନୀ ଉଚ୍ଚ ଜ୍ଞାନକୌଶଳଯୁକ୍ତ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ । ୨୦୧୬-୨୦ ମଧ୍ୟରେ ଭାରତର ଆଇଟି କ୍ଷେତ୍ରରେ ୯.୨ ବିଲିଅନ ଡଲାର ଜାପାନ ନିବେଶ କରିଛି । ବର୍ତ୍ତମାନ ସୁଦ୍ଧା ଜାପାନ ସହଯୋଗ ପ୍ରକଳ୍ପରେ ଭାରତର ୧.୦୨ଲକ୍ଷ ଲୋକଙ୍କୁ ନିଯୁକ୍ତି ମିଳିଛି, ଯାହା ୨୦୨୩ ବେଳକୁ ବୃଦ୍ଧିପାଇ ୩.୬୧ଲକ୍ଷ ହେବ । ୧୯୫୮ରୁ ଭାରତକୁ ଜାପାନ ଆର୍ଥିକ ସହାୟତା ଦେଇଆସୁଛି । ତେଣୁ ଜାପାନର ଆଭ୍ୟନ୍ତରୀଣ ସମସ୍ୟା କମ୍ ହେବା ଭାରତ ପାଇଁ ମଙ୍ଗଳକର ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ନଗ୍ନ ଆଖିର ଜ୍ୟୋତିର୍ବିଜ୍ଞାନୀ: ପଠାଣି ସାମନ୍ତ

**ଡକ୍ଟର ନାରାୟଣ ବାରିକ୍**





ସେ ହେଉଛନ୍ତି ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ। ମାତ୍ର ଓଡ଼ିଶା ମାଟିରେ ଜନ୍ମିତ ଏହି ଖ୍ୟାତିସମ୍ପନ୍ନ ସୁଯୋଗ୍ୟ ସନ୍ତାନ ଭାରତ ତଥା ଭାରତ ବାହାରେ ପଠାଣି ସାମନ୍ତ ନାମରେ ବେଶ୍ ପରିଚିତ। ଏହି ଅସାଧାରଣ ପ୍ରତିଭାଦୀପ୍ତ ଜ୍ୟୋତିର୍ବିଜ୍ଞାନୀ ତାଙ୍କ ପୂର୍ବବର୍ତ୍ତୀ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ବିଶ୍ୱର ପାଶ୍ଚାତ୍ୟ ଦେଶର ପଣ୍ଡିତ କୋପରନିକସ୍, ଟ୍ରାଇଚୋବ୍ରାହେ, କେପଲର, ଗାଲିଲିଓ ତଥା ଅନ୍ୟମାନଙ୍କ ଠାରୁ କିଛି କମ୍ ଗୁଣର ନଥିଲେ। ଷଷ୍ଠ ଏବଂ ସପ୍ତମ ଶତାବ୍ଦୀର ଭାରତ ମାଟିର ଗଣିତଜ୍ଞ ଜ୍ୟୋତିର୍ବିଦଚୟ ବରାହ ମିହିର, ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟ ପ୍ରଭୃତି ଏ ଦେଶ ପାଇଁ ଯେଉଁ ଗର୍ବ ଓ ଗୌରବ ଆଣିଥିଲେ, ଊନବିଂଶ ଶତାବ୍ଦୀରେ ନିଜର ଅଲୌକିକ ପ୍ରତିଭା ଓ କୀର୍ତ୍ତିବନ୍ତ ସାଧନା ଦ୍ୱାରା ନିଜର ନଗ୍ନ ଆଖିରେ ବାଉଁଶନଳୀ ସାହାଯ୍ୟରେ ନକ୍ଷତ୍ରମାନଙ୍କ ଗଣନା କରି ସର୍ବତ୍ର ଚମକ ସୃଷ୍ଟି କରିବା ସହ ଓଡ଼ିଶାର ଜୈତ୍ରଗାନକୁ ପୃଥିବୀର କୋଣ ଅନୁକୋଣରେ ପହଞ୍ଚାଇ ପାରିଥିଲେ।

ଯୋଗଜନ୍ମା ଜ୍ୟୋତିର୍ବିଜ୍ଞାନୀ ଚନ୍ଦ୍ରଶେଖର ସାମନ୍ତ ଓଡ଼ିଶାର ବଣଜଙ୍ଗଲ ପରିବେଷ୍ଟିତ ସଂପ୍ରତି ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାଠାରେ ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ଶକାବ୍ଦ ୧୯୫୭ ପୌଷକୃଷ୍ଣପକ୍ଷ ଅଷ୍ଟମୀରେ ଏକ ରାଜପରିବାରରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଶ୍ୟାମବନ୍ଧୁ ସିଂହ ସାମନ୍ତ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ। ଖଣ୍ଡପଡ଼ା ରାଜ୍ୟ ବ୍ରିଟିଶ୍ ରାଜତ୍ୱକାଳରେ ୧୫୯୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସାମନ୍ତରାୟଙ୍କ ସମୟରେ ତାଙ୍କ ପୁତୁରା ନଟବର ସିଂହ ମର୍ଦ୍ଦରାଜ ନାମକ ଏକାଦଶ ରାଜାଙ୍କ ଦ୍ୱାରା ଶାସନ କରାଯାଉଥିଲା। ଏହା ଏକ ଛୋଟ ସ୍ୱାଧୀନ ରାଜ୍ୟ ଥିଲା। ଯାହାର ଆୟତନ ୨୪୪ ବର୍ଗମାଇଲ ଥିଲା। ନୟାଗଡ଼ଠାରୁ ୨୦କିମି. ଦୂର ଏହି ରାଜ୍ୟର ରାଜଧାନୀ ଖଣ୍ଡପଡ଼ା ବଣଜଙ୍ଗଲ ଅଞ୍ଚଳରେ ଏକ ଛୋଟ ସହର ଥିଲା।

ପଠାଣି ସାମନ୍ତଙ୍କ ଉଭୟ ପିତାମାତା ବହୁତ ଧର୍ମପରାୟଣ ଓ ଆଧ୍ୟାତ୍ମିକବାଦୀ ଦମ୍ପତି ଥିଲେ। ଖଣ୍ଡପଡ଼ା ରାଜ୍ୟରେ ୧୭୮୯ ମସିହାରେ ନୃସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ସିଂହାସନ ଆରୋହଣ କରିବା ପରେ ୧୯୧୦ ମୃତ୍ୟୁବରଣ କରିଥିଲେ। ତାଙ୍କ ଅନ୍ତେ ତାଙ୍କର ଛଅପୁତ୍ର ମଧ୍ୟରୁ ଜ୍ୟେଷ୍ଠପୁତ୍ର ପୁରୁଷୋତ୍ତମ ଖଣ୍ଡପଡ଼ା ରାଜ ସିଂହାସନ ଆରୋହଣ କରିଥିଲେ। ମାତ୍ର ଶ୍ୟାମବନ୍ଧୁ ମର୍ଦ୍ଦରାଜ ପୁରୁଷୋତ୍ତମଙ୍କ ଅନ୍ୟତମ କନିଷ୍ଠ ଭ୍ରାତା ଥିଲେ ମଧ୍ୟ ସେ ଜଣେ ଉଦାର ଜ୍ଞାନୀ ଓ ଗୁଣ ସଂପନ୍ନ ବ୍ୟକ୍ତିଥିଲେ। ରାଜବଂଶରେ ଜନ୍ମ ହୋଇ ମଧ୍ୟ ରାଜକୀୟ ଗର୍ବ ଓ ଅହଂକାର ତାଙ୍କୁ ତିଳେ ମାତ୍ର ସ୍ପର୍ଶକରି ପାରିନଥିଲା। ସେଥିପାଇଁ ସେ ସମସ୍ତଙ୍କ ନିକଟରେ ବନ୍ଧୁ ସାମନ୍ତ ଭାବେ ପରିଚିତ ଥିଲେ।

ଶ୍ୟାମବନ୍ଧୁଙ୍କର ସୁଯୋଗ୍ୟ ସନ୍ତାନ ହେଉଛନ୍ତି ଚନ୍ଦ୍ରଶେଖର। ଚନ୍ଦ୍ରଶେଖର ମହାଦେବୀଙ୍କୁ ପୂଜା, ଅର୍ଚ୍ଚନା ଓ ସେବା କରି ପୁତ୍ର ଲାଭ କରିଥିବାରୁ ପିତାମାତା ତାଙ୍କୁ ଏପରି ନାମରେ ନାମିତ କରିଥିଲେ। କୁହାଯାଏ ଚନ୍ଦ୍ରଶେଖରଙ୍କ ଉପରେ ଦଶଜଣ ଭାଇ ଭଉଣୀ ମରି ଯାଇଥିବାରୁ ପିତାମାତା ଜନ୍ମପରେ ତାଙ୍କୁ ଏକ ମୁସଲମାନ ଫକୀରଙ୍କୁ ପୋଷ୍ୟପୁତ୍ର ଭାବେ ଟେକି ଦେଇଥିଲେ। ସେ ସମୟର ଏକ ସାମାଜିକ ପ୍ରଥା ଅନୁସାରେ ଦୁଷ୍ଟଗ୍ରହ ମାନଙ୍କର ଖରାପ ଦୃଷ୍ଟିର ପ୍ରଭାବରୁ ପୁଅକୁ ରକ୍ଷା କରିବା ପାଇଁ ଫକୀରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବାପା ମା' ପୁଅର ନାମ ପଠାଣି ରଖିଥିଲେ।

ସେ ସମୟରେ ଆଜିକାଲି ପରି ବିଦ୍ୟାଳୟ ନଥିବାରୁ ଚନ୍ଦଶେଖରଙ୍କ ପାଠପଢ଼ା ଚାଟଶାଳୀରୁ ଆରମ୍ଭ ହୋଇଥିଲା। ପିଲାଟି ବେଳରୁ ସେ ଯେ ଜଣେ ବିଚକ୍ଷଣ ପ୍ରତିଭାର ଅଧିକାରୀ ହେବେ ତାଙ୍କ ଭିନ୍ନଭିନ୍ନ କାର୍ଯ୍ୟାବଳୀରୁ ଜଣା ପଡୁଥିଲା। ବାଲ୍ୟ ସାଥୀମାନେ ଯେତେବେଳେ ସାଙ୍ଗ ମେଳରେ ଖେଳରେ ମାତିଯାଆନ୍ତି, ପଠାଣି ସାମନ୍ତ ସେତେବେଳେ ଗଛର ଛାଇ ମାପିବାରେ ଲାଗି ପଡ଼ନ୍ତି। ଅନେକ ସମୟରେ ଦଳଦଳ ହୋଇ ଉଡ଼ିଯାଉଥିବା ପକ୍ଷୀମାନଙ୍କୁ ଗଣିବାରେ ସେ ବ୍ୟସ୍ତ ରହି ଗଭୀର ଚିନ୍ତାରେ ଅଭିଭୂତ ହୋଇଯାନ୍ତି। ପୁଣି ସନ୍ଧ୍ୟା ସମୟରେ ରାତ୍ରିର ଅନ୍ଧକାର ନଇଁ ଆସିଲେ ଚନ୍ଦ୍ରଶେଖର ଦୀର୍ଘ ସମୟ ଧରି ତାରାମାନଙ୍କୁ ଚାହିଁରହି ନିଜର ଚପଳମତି ମନକୁ ସଂଯତ କରି ଅନ୍ୟ ଏକ ଦୁନିଆରେ ହଜି ଯାଆନ୍ତି।

ନିଜର ବାଲ୍ୟଗୁରୁ କୃତ୍ତିବାସ ରଥଙ୍କଠାରୁ ପଠାଣି ସାମନ୍ତ ପାଞ୍ଚବର୍ଷ ବେଳକୁ ବର୍ଣ୍ଣଶିକ୍ଷା, ପଣିକିଆ ଓ ଅମରକୋଷର ପ୍ରଥମ ପାଞ୍ଚବର୍ଗ ଶେଷ କରି ଦେଇଥିଲେ। ତା'ପରେ ନଅବର୍ଷ ବେଳକୁ ଗୁରୁ ପଣ୍ଡିତ ଆନନ୍ଦ ଖାଡଙ୍ଗାଙ୍କଠାରୁ ସଂସ୍କୃତ ଶିକ୍ଷା ଲାଭ କରି କୁମାର ସମ୍ଭବ, ମେଘଦୂତ, ରଘୁବଂଶ, କିରାତାର୍ଜୁନୀୟ ଏବଂ ମାଘ କାବ୍ୟ ଇତ୍ୟାଦି ଅଧ୍ୟୟନ କରି ନିଜର କୃତିତ୍ୱର ଉତ୍କର୍ଷ ପ୍ରତିପାଦନ କରିପାରିଥିଲେ। ଏତଦ୍‌ବ୍ୟତୀତ ପନ୍ଦର ବର୍ଷ ବେଳକୁ ସେ ନୈଷଧକାବ୍ୟ ଆୟତ୍ତ କରି ସଂସ୍କୃତ ସାହିତ୍ୟରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ଚନ୍ଦ୍ରଶେଖରଙ୍କ ଶିକ୍ଷାପିପାସୁ ମନ ପରାଶର ସଂହିତା, ମନୁସଂହିତା, ଯାଜ୍ଞବଲ୍କ୍ୟ ସଂହିତା ଓ ମନୁ ସଂହିତା ଇତ୍ୟାଦିକୁ କଣ୍ଠସ୍ଥ କରିବାରେ ସମର୍ଥ ହୋଇ ପାରିଥିଲା। ଏହା ସହ ତାଙ୍କ ପାଠକୀୟ ଶ୍ରଦ୍ଧା ଯୋଗୁଁ ସେ ରାଜକୀୟ ଲାଇବ୍ରେରୀରେ ଉପଲବ୍ଧ ଲୀଳାବତୀ, ବୀଜଗଣିତ, ଜ୍ୟୋତିଷ, ସିଦ୍ଧାନ୍ତ, ବ୍ୟାକରଣ ଓ କାବ୍ୟଗୁଡ଼ିକୁ ଅନାୟାସରେ ଆୟତ୍ତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇ ଅନ୍ୟମାନଙ୍କୁ ଚମତ୍କୃତ କରି ଦେଇଥିଲେ। ସେ ଉଭୟ ସଂସ୍କୃତ ଓ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରୁଚି ରଖିଥିଲେ। ପିତା ଶ୍ୟାମବନ୍ଧୁ ପୁତ୍ରର ଅସାଧାରଣ ବିଦ୍‌ବତ୍ତା ଦେଖି ଏପରି କୌତୂହଳର ପ୍ରଶ୍ନମାନ ପାଇଁ ଚନ୍ଦ୍ରଶେଖରଙ୍କୁ ରାତ୍ରିରେ ଆକାଶରେ ନକ୍ଷତ୍ରମାନଙ୍କର ସ୍ଥିତି ଓ ପରିକ୍ରମଣ ସମ୍ପର୍କରେ କେତେକ ଟିପ୍‌ପଣୀ ଦେଉଥିଲେ। ଦଶବର୍ଷ ବୟସରେ ଚନ୍ଦ୍ରଶେଖର ଶ୍ୟାମବନ୍ଧୁଙ୍କଠାରୁ ଫଳିତ ଜ୍ୟୋତିଷ ସମ୍ପର୍କରେ ଜ୍ଞାନ ଆହରଣ କରି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ପରବର୍ତ୍ତୀ ଜୀବନରେ ଏଥି ପାଇଁ ସେ କବିବର ରାଧାନାଥ ରାୟ ଏବଂ ମଧୁସୂଦନ ଦାଶଙ୍କର ଖୁବ୍ ନିକଟତର ହେବାର ସୁଯୋଗ ଲାଭ କରିଥିଲେ।

ଏହି ଧୀମନ୍ତ, ଅନୁସନ୍ଧିତ୍ସୁ ଓ ପ୍ରତିଭାଧର କିଶୋର ଆନୁଷ୍ଠାନିକ ଭାବେ ଜ୍ୟୋତିର୍ବିଜ୍ଞାନ ଶିଖିବାର ସୁଯୋଗ ନପାଇଥିଲେ ବି ୧୪ବର୍ଷ ବେଳକୁ ନିଜର ସ୍ୱଅଧ୍ୟବସାୟ ବଳରେ ଗଣିତ ଜ୍ୟୋତିଷ ଚର୍ଚ୍ଚାରେ ନିପୁଣତା ହାସଲ କରିବାକୁ ସମର୍ଥ ହୋଇ ପାରିଥିଲେ। କ୍ରମେ ଭାସ୍କରାଚାର୍ଯ୍ୟଙ୍କ ସିଦ୍ଧାନ୍ତ ଶିରୋମଣି ଓ ସୂର୍ଯ୍ୟସିଦ୍ଧାନ୍ତ ପାଠକରି ସେ ଗଣିତ ଜ୍ୟୋତିଷରେ ପାଣ୍ଡିତ୍ୟ ଅର୍ଜନ କରିବା ସହ ୧୫ବର୍ଷ ବେଳକୁ ବିଚିତ୍ର ଗଣନା ସୂତ୍ରଗୁଡ଼ିକର ନିଗୂଢ଼ତତ୍ତ୍ୱକୁ ହାସଲ କରି ଜ୍ୟୋତିର୍ବିଜ୍ଞାନରେ ନିଜର ଆତ୍ମବିଶ୍ୱାସକୁ ସୁଦୃଢ଼ କରିପାରିଥିଲେ। ଆବଶ୍ୟକତା ଅନୁଭବ କରି ସେ ନିଜ ଗୃହର ଚାଳକୁ କଣାକରି ଦିନରେ ସୂର୍ଯ୍ୟକିରଣ ଓ ରାତ୍ରିରେ ଚନ୍ଦ୍ରକିରଣକୁ ନିର୍ନିମେଷ ନୟନରେ ପର୍ଯ୍ୟବେକ୍ଷଣ କରି ନିଜ ଗଣନାର ପରୀକ୍ଷା, ନିରୀକ୍ଷା କରୁଥିଲେ। ଚନ୍ଦ୍ରଶେଖର ୨୨ବର୍ଷ ବୟସରେ ୧୮୫୭ରେ ସୀତାଦେବୀଙ୍କୁ ବିବାହ କରି ନିଜର ସୁଖମୟ ଦାମ୍ପତ୍ୟ ଜୀବନରେ ପାଦ ଥାପିଥିଲେ। ଚନ୍ଦ୍ରଶେଖର ତାଙ୍କ ହସ୍ତ ନିର୍ମିତ କାଠର କାଠି ଓ ବାଉଁଶ ନଳୀରେ ନିର୍ମିତ 'ମାନଯନ୍ତ୍ର' ନିର୍ମାଣ କରି ପାଶ୍ଚାତ୍ୟ ଜ୍ୟୋତିର୍ବିଦ୍‌ମାନଙ୍କ ସିଦ୍ଧାନ୍ତକୁ ଅସ୍ୱୀକାର କରି ନିଜସ୍ୱ ଗଣନାରେ ପ୍ରମାଣ କରିଥିଲେ ଯେ ପୃଥିବୀ ଭ୍ରମଣ କରୁଥିବା ସମୟରେ ସୂର୍ଯ୍ୟ ସ୍ଥିରଥାଏ। ତାଙ୍କ ବାଉଁଶ କାଠିର 'ଗୋଳଯନ୍ତ୍ର' ଓ 'ଉଲମ୍ବୀ ଚକ୍ର' ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ଯେଉଁ ନିର୍ଭୁଲ ତଥ୍ୟ ଦେଇଥିଲା, ସେଥିରେ ସେ ପ୍ରମାଣ କରି କହିଥିଲେ ଯେ ଚନ୍ଦ୍ରଙ୍କର ସାଧାରଣ ଦୂରତାର ୧୫୪ ଗୁଣ ଦୂରରେ ସୂର୍ଯ୍ୟଙ୍କର ସ୍ଥିତି ରହିଛି।

ପଠାଣି ସାମନ୍ତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ଜ୍ୟୋତିଷ ଶାସ୍ତ୍ରର ତର୍ଜମା କରି ଓ ଗ୍ରହସ୍ଥିତି ଆଧାରକୁ ପର୍ଯ୍ୟବେକ୍ଷଣ କରି ଭବିଷ୍ୟବାଣୀ ଓ ରୀତିନୀତି ପାଇଁ ଗାଣିତିକ ଗଣନା ଅନୁସାରେ ପଞ୍ଜିକା ପ୍ରସ୍ତୁତ ଆରମ୍ଭ କରିଥିଲେ। ପ୍ରାୟ ୨୩ବର୍ଷ ବେଳକୁ ଜ୍ୟୋତିର୍ବିଜ୍ଞାନର ଅସଂଗତିକୁ ସଂଶୋଧନ କରି ନିଜର ଯତ୍ନଶୀଳ ମନକୁ ଚନ୍ଦ୍ରଶେଖର ଏଥିରେ କେନ୍ଦ୍ରୀଭୂତ କରିଥିଲେ। ଏହି ଦୀର୍ଘ ୧୧ବର୍ଷର ଅନୁସନ୍ଧାନ, ପର୍ଯ୍ୟବେକ୍ଷଣ ଓ ଗଣନାକୁ ପରବର୍ତ୍ତୀ କାଳରେ ସେ ତାଙ୍କର "ସିଦ୍ଧାନ୍ତ ଦର୍ପଣ" ପୁସ୍ତକରେ ଲିପିବଦ୍ଧ କରି ଯାଇଛନ୍ତି। ପରେ ରେଭେନ୍ସା କଲେଜର ବିଜ୍ଞାନ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ ମହୋଦୟ ଚନ୍ଦ୍ରଶେଖରଙ୍କ ଗବେଷଣା ଲବ୍ଧ ଏହି ଜ୍ଞାନକୁ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କ ଲିଖିତ ସନ୍ଦର୍ଭ ମାଧ୍ୟମରେ ପ୍ରକାଶ କରି ଲୋକଲୋଚନକୁ ଆଣିଥିଲେ।

ଚନ୍ଦ୍ରଶେଖରଙ୍କ ଏହି ଖ୍ୟାତିରେ ବିମୁଗ୍ଧ ହୋଇ ସେତେବେଳର କଟକ କମିଶନର୍ କୁକ୍ ସାହେବ ତାଙ୍କ ଇଜିଲାସକୁ ନିମନ୍ତ୍ରଣ କରିଥିଲେ। ସାହେବଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଶେଖର ସପ୍ତଶଯ୍ୟା ପାହାଡର ଦୂରତା ନିଜର ବାଉଁଶ ନଳୀ ସାହାଯ୍ୟରେ ମାପକରି ନିର୍ଭୁଲ ତଥ୍ୟ ଦେବାରୁ ସାହେବ ଆଶ୍ଚର୍ଯ୍ୟ ହେବା ସହ ପ୍ରୀତ ହୋଇ ଏହି ମହାନ୍ ପଣ୍ଡିତଙ୍କୁ ଉପାଧିରେ ଭୂଷିତ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ। ତାପରେ ବ୍ରିଟିଶ୍ ସରକାରଙ୍କ ତରଫରୁ ବାରବାଟୀଗଡ଼ଠାରେ ୧୮୯୩ରେ ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଅଳଂକୃତ କରାଯାଇଥିଲା ଓ ତାଙ୍କ ପାଇଁ ସରକାର ମାସିକ ୫୦ଟଙ୍କା ବୃତ୍ତି ବ୍ୟବସ୍ଥା କରିଥିଲେ। ଏହି ବୃତ୍ତିଧାରୀ ୧୮୭୦ରେ ପୁରୀ ଗଜପତି ରାଜାଙ୍କ ଦ୍ୱାରା "ହରିଚନ୍ଦନ ମହାପାତ୍ର" ଉପାଧିରେ ଭୂଷିତ ହୋଇଥିଲେ। ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଦ୍ୱାଦଶୀ ଦିନ ଏହି ମହାମହିମ ଜ୍ୟୋତିର୍ବିଜ୍ଞାନୀଙ୍କର ୬୯ବର୍ଷ ବୟସରେ ଦେହାନ୍ତ ଘଟିଥିଲା। ଓଡ଼ିଶା ମାଟିରେ ଅନେକ ବରପୁତ୍ର ଜନ୍ମଗ୍ରହଣ କରି ସେମାନଙ୍କର ଯଶ ଖ୍ୟାତିରେ ଉତ୍କଳମାତାର ମସ୍ତକକୁ ସ୍ୱର୍ଣ୍ଣ ମୁକୁଟରେ ମଣ୍ଡିତ କରିଥିଲେ ବି ପଠାଣି ସାମନ୍ତ ତନ୍ମଧ୍ୟରେ ହୀରକଖଣ୍ଡର ଜ୍ୟୋତି ପରି ସବୁ ଦିନକୁ ଝଲସୁଥିବେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ।

*—ରୟାଲ ଗାର୍ଡ଼େନ-୮, ଆଇଗିଣିଆ, ଭୁବନେଶ୍ୱର-୧୯, ମୋ-୯୮୫୩୧୭୨୦୩୮*




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥିତିରେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାକୁ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ

ଯୋଡା,(ପି.ଏନ):ଆନ୍ତର୍ଜାତୀୟ ହକି ସଂଘ ଦ୍ୱାରା ଆୟୋଜିତ ପୁରୁଷ ହକି ବିଶ୍ୱକପ୍ - ୨୦୨୩କୁ ଦୃଷ୍ଟିରେ ରଖି ଯୋଡା ପଂଚାୟତ ସମିତି ସ୍ତରରେ ଉଭୟ ଗ୍ରାମ ପଂଚାୟତ ଓ ପଂଚାୟତ ସ୍ତରରେ ବିଭିନ୍ନ ଖେଳକୁଦ କାର୍ଯ୍ୟକ୍ରମକୁ ନେଇ ମଙ୍ଗଳବାର ପୂର୍ବାହ୍ନରେ ଯୋଡା ବ୍ଲକ ସଭାଗୃହରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯୋଡା ବ୍ଲକ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକରେ ଯୋଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥ ହନୁମାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଜୀବ କୁମାର ଏକ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ସେଠୀ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ, ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟଷ ପଂଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ । ଯୋଡା ବ୍ଲକର ୧୯ଟି ପଂଚାୟତକୁ ୫ଟି ଜୋନ୍‌ରେ ବିଭକ୍ତ କରାଯାଇ ଏହି ଖେଳକୁଦ ପ୍ରତିଯୋଗିତା ଆୟୋଜନ କରାଯିବ । ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଫୁଟବଲ, କ୍ରିକେଟ, ହକି, ଭଲିବଲ, କବାଡି ଆଦି ଗ୍ରାମାଞ୍ଚଳର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କ୍ରୀଡାପ୍ରେମୀ ଜନସାଧାରଣ ମାନଙ୍କୁ ନେଇ ଆୟୋଜନ କରାଯିବ । ଏହି ଅବସରରେ ସରକାରଙ୍କ ବିଭିନ୍ନ ବିଭାଗର ଲୋକଭିମୁଖୀ ଯୋଜନା ଗୁଡିକ ପ୍ରଦର୍ଶନ ଓ ଜନସଚେତନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବଡକାଳିମାଟି, ବଳଦା ପଳସା, ଜଜାଙ୍ଗ ଓ ଜୁରୁଡି ଗ୍ରାମ ପଂଚାୟତକୁ ନେଇ ବାମେବାରୀ ଟିସ୍କୋ ଖେଳପଡିଆ, ଅଂଶେଇକଳା, ବିରିକଳା, ଚମକପୁର, ଦେଓଝର ଓ କଣ୍ଡରା ଗ୍ରାମ ପଂଚାୟତୁ ନେଇ କଣ୍ଡରା ହାଟ ପାଖ ଖେଳପଡିଆ, ଭଦ୍ରାସାହି, ଭୂୟାଁରୋଇଡା, ସେରେଣ୍ଡା ଓ କାରାଖେଣ୍ଡ୍ରା ଗ୍ରାମ ପଂଚାୟତୁ ନେଇ ସେରେଣ୍ଡା ଖେଳପଡିଆ, ବାଲାଗୋଡା ଓ ବଲାଣୀ ଗ୍ରାମ ପଂଚାୟତକୁ ନେି ବଲାଣୀ ଫୁଟବଲ ଖେଳପଡିଆ, ଗୁଆଲୀ ଓ ଲୋଇଡାପଡା ଗ୍ରାମ ପଂଚାୟତକୁ ନେଇ ଗୁଆଲୀ ନୀଳାଚଳ ଉଚ୍ଚ ବିଦ୍ୟାଳୟରେ ଆସନ୍ତା ୧୭ ତାରିଖ ଗ୍ରାମ ପଂଚାୟତ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ନିମନ୍ତେ ଏହି ପ୍ରାକ୍ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏଥି ସହିତ ଆସନ୍ତା ୧୯ ତାରିଖରେ ଯୋଡା କେନ୍ଦ୍ରୀୟ ଖେଳ ପଡିଆରେ ବ୍ଲକ ସ୍ତରୀୟ କ୍ରୀଡା ଆୟୋଜନ କରାଯିବା ନିମନ୍ତେ ସ୍ଥିର ହୋଇଥିଲା । ଓଡିଶା ସରକାରଙ୍କ ପଂଚାୟତିରାଜ ବିଭାଗ ପତ୍ର ସଂଖ୍ୟା ୨୨୩୭୭/୨୧.୧୧.୨୦୨୨ ଅନୁଯାୟୀ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଯୋଡା ବ୍ଲକ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାହୀ କାହ୍ନୁ ମାଝୀଙ୍କ ପରିଚାଳନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

## ସାଇଁକୁଳ ତାରିଣୀ ମନ୍ଦିର ନିକଟରୁ ଶାଗୁଆନ କାଠ ଜବତ

ଘଷିପୁରା,(ପି.ଏନ):ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପାହାଡପୁର ସାଇଁକୁଳ ତାରିଣୀ ମନ୍ଦିର ନିକଟରୁ ଏକ ଅଟୋ ନଂ(ଓଡି୦୯କ୍ୟୁ- ୯୦୩୮)କୁ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ୯ ପିସ୍ ଶାଗୁଆନ କାଠ ଗଣ୍ଡି ସହିତ ୯ଖଣ୍ଡ ଶାଗୁଆନ ବଲାକୁ ଜବତ କରିବା ସହିତ ଆସାମୀ ପ୍ରକାଶ ନାୟକ(୩୦)କୁ ଗିରଫ କରିଛି । ଆସାମୀ ପ୍ରକାଶ ନାୟକଙ୍କ ଘର ଆଗର୍ଦା ଗ୍ରାମରେ ବୋଲି ଜଣାପଡିଛି । ଜବତ ହୋଇଥିବା ଶାଗୁଆନ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପ୍ରକାଶ କରିଛି । ଆନନ୍ଦପୁର ବନ ଅଧିକାରୀ ଅଭୟ କୁମାର ଦଳେଇଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ମଳୟ କୁମାର ସାହୁଙ୍କ ଏକ ସ୍କ୍ୱାର୍ଡ ଟିମ୍ ଚଢାଉ କରିଥିବା ବେଳେ ଏଥିରେ ଫରେଷ୍ଟଗାର୍ଡ ଅବିନାଶ ପରିଡା, ସ୍କ୍ୱାର୍ଡ କୃପାସିନ୍ଧୁ ପଲେଇ ସହଯୋଗ କରିଥିଲେ ।


CSB Bank

**PUBLIC NOTICE ON AUCTION OF PLEDGED GOLD ORNAMENTS**

The borrower/s in specific and interested bidders in general are hereby informed that on account of non-repayment of Bank's dues by the borrowers as under despite the payment notice and recall/auction notice issued by the Bank, the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non- recourse" basis through e-auction portal http://csbgold.auctiontiger.net on 21st December, 2022 at 12:00 p.m . The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed off by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the bank.

| S.No. | Branch Name | Account Name | Client ID | No. of Acc. | Bal. Outstanding as on 11-12-2022 | Weight (grams) |
|---|---|---|---|---|---|---|
| 1 | BHUBANESWAR | ABHIMANYU | 4100600 | 1 | 30090.81 | 9.5 |
| 2 | BHUBANESWAR | AKSHAYA | 2671456 | 1 | 111689.86 | 32 |
| 3 | BHUBANESWAR | ANAMIKA | 516546 | 3 | 1478040.44 | 426.3 |
| 4 | BHUBANESWAR | ANITA | 3782325 | 5 | 579731.78 | 167.22 |
| 5 | BHUBANESWAR | BENUDHAR | 4457853 | 1 | 97592.62 | 28.5 |
| 6 | BHUBANESWAR | BIBEKA KUMAR | 4036793 | 1 | 84219.76 | 23.5 |
| 7 | BHUBANESWAR | BIDHUBHUSAN | 518148 | 1 | 171181.74 | 50 |
| 8 | BHUBANESWAR | BIJAY KUMAR | 4065611 | 1 | 341465.89 | 96 |
| 9 | BHUBANESWAR | BIPULABALA | 3928818 | 1 | 146875.02 | 44 |
| 10 | BHUBANESWAR | BISWAJIT | 7055352 | 3 | 249531.86 | 74.1 |
| 11 | BHUBANESWAR | BISWAJIT MOHARANA | 516754 | 1 | 693870.99 | 202 |
| 12 | BHUBANESWAR | CHITTA RANJAN | 4240121 | 2 | 69386.36 | 20 |
| 13 | BHUBANESWAR | DEBABRATA | 3324105 | 1 | 564594.97 | 154.21 |
| 14 | BHUBANESWAR | DEBAJANI | 4065823 | 1 | 273090.5 | 75 |
| 15 | BHUBANESWAR | DHIRENDRA | 4196134 | 1 | 120627.73 | 36.3 |
| 16 | BHUBANESWAR | DILIP | 7466101 | 1 | 1021903.55 | 304 |
| 17 | BHUBANESWAR | DIPAK KUMAR | 4107542 | 1 | 160628.54 | 37.5 |
| 18 | BHUBANESWAR | DURYODHAN | 2804462 | 1 | 736149.39 | 211.5 |
| 19 | BHUBANESWAR | GANESH | 4455544 | 1 | 15142.7 | 4.2 |
| 20 | BHUBANESWAR | GIRIJA | 7558930 | 2 | 373612.94 | 105 |
| 21 | BHUBANESWAR | GUDIA | 4447984 | 1 | 55104.97 | 15.2 |
| 22 | BHUBANESWAR | JALANDHAR | 4356148 | 1 | 105076.15 | 36.5 |
| 23 | BHUBANESWAR | MAMINI | 4149338 | 2 | 46496.21 | 14.18 |
| 24 | BHUBANESWAR | MANOJ KUMAR | 3439679 | 2 | 228716.31 | 65 |
| 25 | BHUBANESWAR | MIHIR | 7476218 | 1 | 255643.14 | 76.7 |
| 26 | BHUBANESWAR | MOHAMMED | 7328489 | 1 | 194698.8 | 55 |
| 27 | BHUBANESWAR | NRUSINGHA CHARAN | 4055857 | 1 | 25504.05 | 8 |
| 28 | BHUBANESWAR | PARUL | 4335586 | 1 | 47277.67 | 14.1 |
| 29 | BHUBANESWAR | PRADEEP | 7410047 | 1 | 82740.35 | 25.1 |
| 30 | BHUBANESWAR | PRADIP KUMAR BHUYAN | 4049318 | 1 | 183143.74 | 51.3 |
| 31 | BHUBANESWAR | PRAMOD | 4345239 | 1 | 89555.24 | 25.8 |
| 32 | BHUBANESWAR | PRAMOD | 7433787 | 3 | 364850.7 | 110.1 |
| 33 | BHUBANESWAR | PRASANT | 4316889 | 2 | 1112338 | 310.2 |
| 34 | BHUBANESWAR | PRIYADARSHINI | 7207276 | 3 | 281506.19 | 80.16 |
| 35 | BHUBANESWAR | PRUTHIRAJ MALLICK | 516648 | 1 | 39435.26 | 12 |
| 36 | BHUBANESWAR | RAJESH | 4064385 | 1 | 10079 | 3 |
| 37 | BHUBANESWAR | RANJAN KUMAR | 4201128 | 2 | 904614.58 | 274.3 |
| 38 | BHUBANESWAR | RANJITA | 7285874 | 1 | 132464.78 | 40 |
| 39 | BHUBANESWAR | SABYASACHI TARASIA | 516773 | 3 | 935223.63 | 257.2 |
| 40 | BHUBANESWAR | SANGRAMA | 4318343 | 1 | 15767.8 | 4.88 |
| 41 | BHUBANESWAR | SANJIB KUMAR BHATTA | 4008272 | 2 | 210471.34 | 64 |
| 42 | BHUBANESWAR | SANKET | 7405392 | 1 | 603133 | 170.6 |
| 43 | BHUBANESWAR | SASMITA | 7256465 | 1 | 87913.2 | 31 |
| 44 | BHUBANESWAR | SIBA | 7497300 | 1 | 90615.26 | 25.5 |
| 45 | BHUBANESWAR | SITANSU | 4345638 | 2 | 123550.2 | 37.8 |
| 46 | BHUBANESWAR | SMEETA | 7462588 | 1 | 706234.07 | 203 |
| 47 | BHUBANESWAR | SMRUTI | 3316819 | 1 | 1446288.58 | 410.9 |
| 48 | BHUBANESWAR | SONERA | 3490220 | 3 | 78032.54 | 23.95 |
| 49 | BHUBANESWAR | SOUBHAGYA KUMAR | 4037427 | 1 | 37742.44 | 12 |
| 50 | BHUBANESWAR | SRADHANJALI | 4409941 | 1 | 26500.07 | 7.6 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

**Authorised Officer**
**CSB Bank**

Baleshwara | 14th December 2022


# କୋଟାକ ମ୍ୟୁଚୁଆଲ ଫଣ୍ଡ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ)

ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷସ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ବେଗୁନିଆପଡା ବ୍ଲକ ପରିସରରେ ବିଧାୟିକାଙ୍କ ଦ୍ୱାରା ୩୮୪ ହିତାଧିକାରୀଙ୍କୁ ଭତା ବଂଟନ

ଗଂଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ପରିସରରେ ଆଜି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଉପସ୍ଥିତ ରହି ୧୫ ଟି ପଂଚାୟତର ୫୦୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ଭତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରେଳସଣୁ ଗୌଡ଼, ବିଡ଼ିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏ ବି ଡି ଓ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟା , କଲ୍ୟାଣି ପାତ୍ର, ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣାଙ୍କ ସମେତ ବିଭିନ୍ନ ପଂଚାୟତର ପ୍ରତିନିଧି ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।




# ସଂଗଠକ ଓ ଦରଦୀ ନେତା ମୋହନବାବୁଙ୍କ ସ୍ମରଣେ...





ପୂର୍ବତନ ସାଂସଦ, ସଂଗଠକ, ପରୋପକାରୀ ଓ ଦରଦୀ ନେତା ମୋହନବାବୁ ଆଉ ନାହାନ୍ତି। ଏହାକୁ ଶୁଣିଲେ ବିଶ୍ୱାସ ବି ହେଉନାହିଁ। ଜନ୍ମରୁ ଅଭାବକୁ ଦେଖିଥିଲେ। ପ୍ରଥମରୁ ସଂଗ୍ରାମକୁ ଆପଣେଇଥିଲେ। ଛାତ୍ର ଜୀବନରୁ ଲଢ଼େଇର ମଙ୍ଗ ଧରିଥିଲେ। ସକାରାତ୍ମକ ଚିନ୍ତନର ମଣିଷ ସାଜି ଯୁବଗୋଷ୍ଠୀକୁ ଦିଗଦର୍ଶନ ଦେଉଥିଲେ। ପଛୁଆ ଶ୍ରେଣୀକୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଥିଲେ। ଜଣେ ସୁବକ୍ତା ଭାବେ ସମାଜରେ ପରିଚିତ ଥିଲେ। ଦଳିତ, ନିଷ୍ପେସିତ, ଅବହେଳିତ ମଣିଷର ସ୍ୱର ସାଜିଥିଲେ। ଦୃଢ଼ମନା ମୋହନ କିନ୍ତୁ ଜୀବନ ଯୁଦ୍ଧରେ ହାରିଗଲେ। ସଂଗ୍ରାମୀର ସଂଗ୍ରାମରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଲଢ଼େଇର ମଙ୍ଗୁଆଳ ନିରବିଗଲେ। ଅଧିକାରର ସ୍ୱର ସାଜିଥିବା ପୂର୍ବତନ ସାଂସଦ ମୋହନ ଜେନାଙ୍କୁ ହରାଇ ସ୍ତବ୍ଧ ପାଲଟି ଯାଇଛି ଯାଜପୁର ଜିଲ୍ଲା। ଶୋକରେ ଭାଙ୍ଗି ପଡ଼ିଛି ବଡ଼ଚଣା ମାଟି। ଯାଜପୁର ଜିଲ୍ଲା ଧାନମଣ୍ଡଳ ପଞ୍ଚାୟତ ଶାସନସୀମା ଗ୍ରାମରେ ୧୯୫୯ ନଭେମ୍ବର ୫ରେ ଜନ୍ମ ନେଇଥିଲେ ମୋହନ ଜେନା। ଧାନମଣ୍ଡଳ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ କେନ୍ଦ୍ରାପଡ଼ାରୁ ଉଚ୍ଚଶିକ୍ଷା ଶେଷ କରିଥିଲେ। ପରେ ଉଚ୍ଚତର ଶିକ୍ଷା ପାଇଁ ଭୁବନେଶ୍ୱରରେ ପାଦ ଥାପିଥିଲେ ମୋହନ। ଶିକ୍ଷା ସହ ସଂସ୍କାରକୁ ଆଦରିଥିବା ମୋହନ ଛାତ୍ରଜୀବନରୁ ମାଟି ପାଇଁ ପାଟି ଖୋଲିଥିଲେ। ବଡ଼ଚଣାରେ ଜନ୍ମିତ ଦଳିତ ପରିବାରର ଏହି ଶିଶୁ ସମଗ୍ର ଅଞ୍ଚଳକୁ ବିକଶିତ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କରିବା ବେଳେ ଛାତ୍ର ରାଜନୀତିକୁ ଓହ୍ଲାଇଥିଲେ। ଏସୟୁସିଆଇର ଛାତ୍ର ସଂଗଠନ ଡିଏସଓ ସହିତ ଜଡ଼ିତ ହୋଇଥିଲେ। ୧୯୮୩ରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନର ସଭାପତି ଆସନ ଅଳଙ୍କୃତ କରିଥିବା ମୋହନ ଯାଜପୁର ପାଇଁ ଗୌରବ ଆଣି ଦେଇଥିଲେ। ଜ୍ଞାନର ଭଣ୍ଡାର ମୋହନ ତୀକ୍ଷ୍ଣ ଭାଷଣରେ ସମସ୍ତଙ୍କୁ ଚକିତ କରି ଦେଉଥିଲେ। ମୋହନଙ୍କ ଏହି କୃତିତ୍ୱ ରାଜ୍ୟ ରାଜନୀତିରେ ପରିଚୟ ସୃଷ୍ଟି କଲା।

ଜନତାଦଳ ସହ ସମ୍ପର୍କରେ ରହିଥିବା ମୋହନ ଦଳର ବିଭାଜନ ବେଳେ ଯାଜପୁର ଲୋକସଭା ଆସନ ପାଇଁ ଲଢ଼େଇ କରିଥିଲେ। ଜନତାଦଳର ତତ୍କାଳୀନ ସଭାପତି ସ୍ୱର୍ଗତଃ ଅଶୋକ ଦାସଙ୍କ ନିର୍ଦ୍ଦେଶରେ ପ୍ରତ୍ୟକ୍ଷ ରାଜନୀତିକୁ ଓହ୍ଲାଇଥିବା ମୋହନ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଯାଜପୁର ସାଂସଦ ଭାବେ ଦାୟିତ୍ୱ ତୁଲାଇଥିଲେ। ଜନତା ଦଳ ଛାଡ଼ି ବିଜୁ ଜନତା ଦଳକୁ ଆଦରିଥିବା ମୋହନଙ୍କୁ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ସାଂସଦ ଭାବେ ଲୋକସଭା ନିର୍ବାଚନ ଲଢ଼ିବାକୁ ଯାଜପୁର ପଠାଇଥିଲେ। ଲଗାତାର ଦୁଇଥର ବିଜେଡ଼ିରୁ ସାଂସଦ ମୋହନ ଯାଜପୁର ଜିଲ୍ଲାର ରେଳ ବିକାଶ, ପର୍ଯ୍ୟଟନ ବିକାଶ ଏବଂ ସାମଗ୍ରୀକ ବିକାଶ ଉପରେ ସଂସଦରେ ତୁମ୍ଭିତୋଫାନ କରିଥିବା ସମସ୍ତେ ଜାଣନ୍ତି। ତାଙ୍କର ଏହି ଦଶବର୍ଷର ସଂସଦୀୟ ଜୀବନ ଯାଜପୁରର ଅନେକ ପ୍ରକଳ୍ପରେ ଝଲସୁଛି। ଯୁଗାବତାର ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ସେ ଜଣେ ଅନ୍ୟତମ ବଡ଼ ଶୁଭେଚ୍ଛୁ ଓ ପରିବାରର ସଦସ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଅନୁଷ୍ଠାନର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦେଇଛନ୍ତି। ତାଙ୍କ ସହଯୋଗ ଓ ପ୍ରେରଣା ଆମ ଅନୁଷ୍ଠାନ ପାଇଁ ଚିର ଅଭୁଲା ହୋଇ ରହିବ। ଏହି ଲେଖିକା ତାଙ୍କ ସହ ଅନେକ ମୂଲ୍ୟବାନ ପରାମର୍ଶ ଓ ସହଯୋଗ ପାଇଛି। ଜନପ୍ରତିନିଧି ଭାବେ ଲୋକଙ୍କ କଲ୍ୟାଣ ପାଇଁ ସେ କରିଯାଇଥିବା କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ। ଓଡ଼ିଶା ରାଜନୀତି କ୍ଷେତ୍ରରେ ତାଙ୍କ ବିକାଶମୂଳକ ଓ ଜନସେବା କାର୍ଯ୍ୟ ସବୁଦିନ ପାଇଁ ସ୍ମରଣ ରହିବା ସହ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ସ୍ୱର୍ଗତଃ ମୋହନବାବୁଙ୍କ ପରଲୋକ ରାଜ୍ୟ ରାଜନୀତିରେ ଗୋଟିଏ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**-ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

## ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଶୋକ

ଯାଜପୁର (ନି.ପ୍ର): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ଲୋକସଭାର ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତଃ ଯେନା ଯାଜପୁର ସଂରକ୍ଷିତ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରିବା ସମୟରେ ଜିଲ୍ଲାର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ସେ ଦଳିତ ଓ ନିଷ୍ପେସିତମାନଙ୍କର ସମସ୍ୟାକୁ ଉତ୍‌ଥାନ କରିବା ପାଇଁ ଅଧିକାର ନାମକ ପତ୍ରିକା ମାଧ୍ୟମରେ ସ୍ୱର ଉତ୍ତୋଳନ କରୁଥିଲେ। ସେ ଯାଜପୁର ରାଜ୍ୟସ୍ତରୀୟ ପୁସ୍ତକମେଳାରେ ଅତିଥିଭାବେ ଆସି ପ୍ରେରଣା ଦେଉଥିଲେ। ସେ ଶେଷଜୀବନ ପର୍ଯ୍ୟନ୍ତ ଜନତାଙ୍କର ସେବାରେ ନିୟୋଜିତ ରହିଥିଲେ। ଗରିବ ଓ ଦୁଃସ୍ଥ ଲୋକମାନଙ୍କର ସେବା ସାହା ଭରସା ଥିଲେ। ତାଙ୍କର ଅକାଳ ବିୟୋଗରେ ପ୍ରତ୍ୟକ୍ଷ ଜନସେବା କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଅନନ୍ୟାର ସାଭପତି ସନ୍ତୋଷ କୁମାର ନନ୍ଦ, ଉପସଭାପତି ବିଭୂତି ମହାପାତ୍ର, ସଂପାଦକ ଡଃ କାହ୍ନୁ ଚରଣ ମିଶ୍ର, ସଂଗଠନ ସମ୍ପାଦକ ହୃଷୀକେଶ ପତି, ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ, ଶିକ୍ଷାବିତ ଦଶରଥ ସାମଲ, ଆଡ଼୍‌ଭୋକେଟ୍ ମନୋଜ କୁମାର ନାଥ, ଅଖିଳ ମୋହନ ଦାଶ, ଦିନଚର୍ଯ୍ୟା ସଂପାଦକ ତପନ କୁମାର ମହାରଣ୍ୟ, ବିଶ୍ୱଜିତ୍ ସାହୁ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ଅକ୍ଷୟ କୁମାର ପୃଷ୍ଟି ଅଧ୍ୟକ୍ଷ ଅନୀଲ ମହାନ୍ତି, ପ୍ରଫେସର ଉଦୟନାଥ ପରିଡ଼ା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ଜିତେନ୍ଦ୍ର ବେହେରା, ପ୍ରଦୀପ୍ତ ଦାସ, କୈଳାସ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ବଳରାମ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଧ୍ୟକ୍ଷ ଅଶୋକ ଦାଶ, ପ୍ରାକ୍ତନ ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ନାୟକ, ସାମ୍ବାଦିକ ଆଦିତ୍ୟ ମହାନ୍ତି, ବିଜୟ ମହାପାତ୍ର, ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ, ସାହାଣୀଡ଼ିହ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସାହାଣୀଡିହ ପଂଚାୟତ ଟିମ ୩୧ ରନରେ ପୁରୁଣା ବଉଳମାଳକୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛି। ପୁରୁଣା ବଉଳମାଳ ଟିମ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। ସାହାଣୀଡିହ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ଉଇକେଟ ହରାଇ ୧୮୧ରନ କରିଥିଲା। ଦଳପକ୍ଷରୁ ଆକାଶ ମାହାନ୍ତି ୪୯ ଓ ଶୌରଭ ଭୁୟାଁ ୨୭ ରନ କରିଥିଲେ। ବଉଳମାଳ ଟିମର ସନ୍ତୋଷ ପ୍ରଧାନ ୩ଟି ଓ ବାବୁଲି ପରିଡା ୨ଟି ଉଇକେଟ ନେଇଥିଲେ। ଜବାବରେ ପୁରୁଣା ବଉଳମାଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୫୦ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦଶରଥ ସାମଲ ୩୯ ଓ ବସନ୍ତ ପ୍ରଧାନ ୩୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଟିମର ପ୍ରଶାନ୍ତ ବଳ ୪ଟି ଓ ଜିତେନ୍ଦ୍ର ଓଝା ୨ଟି ଉଇକେଟ ନେଇଥିଲେ। ଏହି ମ୍ୟାଚକୁ ଇନ୍ତେଖାବ ଆଲମ ଓ ସୁଭ୍ରଜିତ ଦାସ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ବ୍ଲକ ଅଧ୍ୟକ୍ଷ ତଥା କେଡିଏମ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଶ୍ୱ ବିଜୟିନୀ ମିଶ୍ର, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ମମତା ଦଣ୍ଡପାଟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଉତ୍କଳମଣି ଦାସ, ଜଳଧର ସାହୁ, ଜିଲ୍ଲପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସ୍ମୃତିରେଖା ବେହେରା, ନିରଂଜନ ରାଉତ, କ୍ଷୀତିଶ ନାୟକ,ଜଗଦାନନ୍ଦ ରାଉତ, ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଖେଳପଡିଆରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଥମ ମ୍ୟାଚ ଥାନୁଆଳ ଓ ବୃନ୍ଦାଦେଇପୁର ଓ ଦ୍ୱିତୀୟ ମ୍ୟାଚ ସମ୍ପାରୁ ଓ ଅଂଟିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ



ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ଼ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।

**ଡାକ୍ତର କାନ୍ତୀ ନାୟକ,** ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, E-mail : drkanti111nayak@gmail.com

## ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଯାଜପୁର (ପିଏନ୍): ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବକ ଅନୁଷ୍ଠାନ ଜାଗୃତି ଫାଉଣ୍ଡେସନ ଇଣ୍ଡିଆ ଯାଜପୁର ଜିଲ୍ଲା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିରଜା ମହିଳା ମହାବିଦ୍ୟାଳୟଠାରେ ରାଜ୍ୟ ଅଧ୍ୟକ୍ଷା ଡାକ୍ତର ଶୁଭ୍ରା ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ପୌରପାଳିକାର ଅଧ୍ୟକ୍ଷା ରଂଜିତା ହୋତା ଶିବିରକୁ ଉଦ୍‌ଘାଟନ କରିବା ସହ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଯାଜପୁର ପୌରପାଳିକାର କାଉନ୍‌ସିଲର ସୁବାଶିଷ ରାଉତ, ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଖିଳମୋହନ ପାଢ଼ୀ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ, ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ପ୍ରତିଷ୍ଠାତା ଡାକ୍ତର ରବୀନ୍ଦ୍ର କୁମାର ରାଉତରାୟ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପସଭାପତି ପାଣ୍ଡବ ଚରଣ ସାହୁ, ମାନସୀ ମିଶ୍ର, ରାଜ୍ୟ ସଂଗଠକ ପ୍ରଦୀପ କୁମାର ବେହେରା, ସ୍ୱର୍ଣ୍ଣଲତା କର, ସାଧାରଣ ସମ୍ପାଦକ ସୁବାସ ମହାପାତ୍ର, ସଂଗଠନ ସମ୍ପାଦକ ବିନୟ ମହାପାତ୍ର, ଇଚ୍ଛାମୟୀ ଧଳ, ସାଂସ୍କୃତିକ ସମ୍ପାଦକ ଧନଞ୍ଜୟ ମିଶ୍ର, ପ୍ରୋଗ୍ରାମ କୋର୍ଡ଼ିନେଟର ପ୍ରକାଶ କୁମାର ମଲ୍ଲିକ, ଅଭୟ ଜେନା, ଆଇନ ପରାମର୍ଶଦାତା ଆଡ୍‌ଭୋକେଟ୍ ମନୋଜ ନାଥ, ସଦସ୍ୟ/ ସଦସ୍ୟା ପ୍ରମୋଦ କୁମାର ବେହେରା, ସୁବ୍ରତ ନାୟକ, ଟୁଟୁ ଲେଙ୍କା, ରଜତ କୁମାର ମିଶ୍ର, ସନ୍ତୋଷ ଓଝା, ନିରୁପମା ସେଠୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁବକମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଏକ ସ୍ୱେଚ୍ଛାକୃତ ମନୋଭାବ ଏବଂ ଜାଗୃତି ଫାଉଣ୍ଡେସନ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ଅନୁଷ୍ଠାନ ରକ୍ତଦାନ ମାଧ୍ୟମରେ ଗୋଟିଏ ଜୀବନ ବ□ାଇବାକୁ ଆଗେଇ ଆସିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## କେଡିଏମ କ୍ରିକେଟ୍ ଟୁର୍ଣ୍ଣାମେଂଟ, ବୃନ୍ଦାଦେଇପୁର ଓ ଅଂଟିଆ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ ଚାଲିଥିବା କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟର ଦ୍ୱିତୀୟ ଦିବସରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଥାନୁଆଳକୁ ୧ଉକେଟରେ ପରାସ୍ତ କରି ବୃନ୍ଦାଦେଇପୁର ବିଜୟୀ ହୋଇଥିବା ବେଳେ ସମ୍ପାରୁକୁ ୭ ଉଇକେଟରେ ପରାସ୍ତ କରି ଅଂଟିଆ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଥାନୁଆଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମୀୟ ପରିଡା ୫୨ରନ ଓ ବିଶ୍ୱଜିତ ପରିଡା ୨୭ ରନ କରିଥିଲେ। ବିପକ୍ଷ ବୃନ୍ଦାଦେଇପୁରର ପ୍ରଭାତ ସ୍ୱାଇଁ ୪ଟି ଓ ଜ୍ୟୋତି ରଂଜନ ଭୁଡିଆ ୨ଟି ଉଇକେଟ ନେଇଥିଲେ। ଜବାବରେ ବୃନ୍ଦାଦେଇପୁର ବ୍ୟାଟିଂ କରି ୧୪.୫ ଓଭରରେ ୯ ଉଇକେଟ ହରାଇ ୧୪୦ ରନ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ତପନ ଦାସ ୩୫ରନ ଓ ପ୍ରଦୀପ ସ୍ୱାଇଁ ୩୧ରନ କରିଥିଲେ। ବିପକ୍ଷ ଥାନୁଆଳ ଟିମର ସୌମ୍ୟରଂଜନ ଜେନା ୪ଟି ଓ ଗଣେଶ୍ୱର ସିଂ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ସମ୍ପାରୁ ପ୍ରଥମେ ବ୍ୟାଟିଂ କରି ୧୧.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ କରିଥିଲା। ଦଳ ପକ୍ଷରୁ ସ୍ୱୟଂସିଦ୍ଧ ନାୟକ ୨୧ରନ ଓ ସିଦ୍ଧାର୍ଥ ନାୟକ ୧୪ରନ କରିଥିଲେ। ବିପକ୍ଷ ଅଂଟିଆ ଟିମର ପିଙ୍କୁ ମଲିକ ୨ଟି ଓ ରଜନୀକାନ୍ତ ମଲିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଅଂଟିଆ ଟିମ ୧୦.୩ ଓଭରରେ ୩ ଉଇକେଟ ହରାଇ ୧୦୫ ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ସଂଜୟ ସାହୁ ୫୧ରନ ଓ ସୁନିଲ ଜେନା ୩୫ ରନ କରିଥିଲେ। ବିପକ୍ଷ ଦଳର ସିଦ୍ଧାର୍ଥ ନାୟକ ୩ଟି ଉଇକେଟ ନେଇଥିଲେ। ଉଭୟ ମ୍ୟାଚକୁ ନିକୁଂଜ ବେହେରା ଓ ଗୋପୀନାଥ ବେହେରା ପରିଚାଳନା କରିଥିଲେ। ପରଦିନ ପ୍ରଥମ ମ୍ୟାଚ କମାଗଡ ସହିତ ଜେନାପୁର ଓ ଦ୍ୱିତୀୟ ମ୍ୟାଚ ମହିଶରା ସହିତ ସାହାଣୀଡିହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

## ଅରେଇକଣାରେ ସନାତନ ଧର୍ମ ମହାସଭା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅରେଇକଣା ପଂଚାୟତ କେଲୁଅ ନଦୀର ଗାଙ୍ଗୁଲ ଘାଟ ଠାରେ ସନାତନଧର୍ମ ପ୍ରଚାର ସମିତି ପକ୍ଷରୁ ସାଧୁସନ୍ଥ ଓ ମୁନିରୁଷିମାନଙ୍କ ମିଳିତ ସନାତନ ଧର୍ମ ମହାସଭାର ଶୁଭାରମ୍ଭ ହୋଇଛି। ସ୍ୱାମୀ ଶ୍ରୀଶ୍ରୀ ପାତଂଜଳିଜୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଧର୍ମସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସାଧୁସନ୍ଥମାନେ ଯୋଗଦେଇଛନ୍ତି। ସକାଳ ୯ ଟାରେ ପ୍ରଥମେ ସନ୍ଥପୂଜନ ଓ ଗୋପୂଜନ କରାଯାଇଥିଲା। ପରେ ଦେବାଦେବୀ ମାର୍ଜନା, ନଗର ପରିକ୍ରମା କରାଯାଇଥିଲା। ଅପରାହ୍ନରେ କୃଷକ ପୂଜନ ଓ ଧର୍ମ ମହାସଭା ଅନୁଷ୍ଠିତ ହୋଇଥିଲା। ପରଦିନ ସକାଳୁ କୁମ୍ଭସ୍ନାନ କରାଯାଇ ବିଷ୍ଣୁ ସହସ୍ରନାମ ପଠନ କରାଯିବ ବୋଲି ଶ୍ରୀଶ୍ରୀ ମହାରାଜ ସୂଚନା ଦେଇଛନ୍ତି।

## ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ

ଯାଜପୁର (ପିଏନ୍): ବରିଷ୍ଠ ନାଗରିକ ସଂଘ, ଯାଜପୁର କାର୍ଯ୍ୟାଳୟରେ ସଂଘର ମାସିକ ବୈଠକ ଶ୍ରୀ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକର ପ୍ରାରମ୍ଭରେ ଯାଜପୁରର ବରପୁତ୍ର ତଥା ବିଶିଷ୍ଟ ଐତିହାସିକ ତଥା ସାହିତ୍ୟିକ ଓ ଶିକ୍ଷାବିତ୍ ଡଃ ଏକାଦଶୀ ପାଢ଼ୀଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ବୈଠକକୁ ପରିଚାଳନା କରି ସଂଘର ସମ୍ପାଦକ ଶ୍ରୀ ପ୍ରବୋଧ କୁମାର ନାୟକ ପରିଚୟ ପତ୍ର ପ୍ରଦାନ, ବାର୍ଷିକ ସାଧାରଣ ଅଧିବେଶନ, ନୂତନ ବର୍ଷରେ ବନ୍ଧୁ ମିଳନ ସହ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ବାର୍ଷିକ ସାଧାରଣ ଅଧିବେଶନ ଆସନ୍ତା ତା।୧୫.୦୧.୨୦୨୩ରିଖ ରବିବାରକୁ ଅନୁଷ୍ଠିତ କରାଯିବାକୁ ଦିନ ଧାର୍ଯ୍ୟ କରାଗଲା। ଉକ୍ତ ଦିବସ ଦ୍ୱିତୀୟାର୍ଦ୍ଧରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯିବାକୁ ସ୍ଥିର କରାଗଲା। ଖବରକାଗଜ ପ୍ରକାଶନ ମାଧ୍ୟମରେ ସଭ୍ୟମାନଙ୍କ ଯୋଗଦାନକୁ ନିଶ୍ଚିତ କରାଯିବାକୁ ସିଦ୍ଧାନ୍ତ ଗ୍ରହଣ କରାଗଲା। ବୈଠକରେ ଅବସରପ୍ରାପ୍ତ ପୋଲିସ ପ୍ରଶାସକ ଗଦାଧର ରାଉତ, ଶିକ୍ଷାବିତ ଉଦୟନାରାୟଣ ପରିଡ଼ା, ଗୋପୀନାଥ ସେଠୀ, ଧନଞ୍ଜୟ ରାଉତ, ବୃନ୍ଦାବନ ମିଶ୍ର, ପ୍ରଶାନ୍ତ କୁମାର ନାୟକ, ମଧୁସୂଦନ ମହାନ୍ତି, ଅକ୍ଷୟ କୁମାର ଦାସ, ଶିଶିର କୁମାର ମହାପାତ୍ର, କୈଳାସ ଚନ୍ଦ୍ର ମଲ୍ଲିକ ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକ




ଧର୍ମଶାଳା (ପିଏନ୍): ଯାଜପୁରର ପୂର୍ବତନ ଲୋକସଭା ସାଂସଦ ମୋହନ ଜେନା (୬୫)ଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ଘଟିଛି। ସେ ଗତ ୪ ବର୍ଷ ହେଲା କିଡ଼୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ତେବେ ଗତ ୨୫ ତାରିଖରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ସେଠାରେ ସେ ଚିକିତ୍ସାଧିନ ଅବସ୍ଥାରେ ଥିବାବେଳେ ଗତକାଲି ଅପରାହ୍ନ ୪ଟା ୧୩ ମିନିଟରେ ସେଠାରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ଜେନା ଛାତ୍ର ଜୀବନରୁ ଅଣକଂଗ୍ରେସରୁ ରାଜନୀତି ଆରମ୍ଭ କରି ବାଣୀବିହାର ଛାତ୍ର ସଂସଦର ସମ୍ପାଦକ ରହିଥିଲେ। ତେବେ ୨୦୦୪ ମସିହାରେ ସେ ବିଜେଡିରେ ଯୋଗଦେଇ ଯାଜପୁର ଲୋକସଭାରୁ ପ୍ରଥମେ ସାଂସଦ ହୋଇଥିଲେ। ପରବର୍ତି ୨୦୦୯ ମସିହାରେ ସେ ଦ୍ୱିତୀୟଥର ବିଜେଡିରୁ ପ୍ରାର୍ଥୀ ହୋଇ ସାଂସଦ ହୋଇଥିଲେ। ସେ ଜଣେ ସଂସ୍କୃତିସମ୍ପନ୍ନ ଓ ସାହିତ୍ୟିକ ଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ଯାଜପୁର ଲୋକସଭା ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ସାଂସଦ ରୀତା ତରାଇ, ପୂର୍ବତନ ବିଧାୟକ ରବିଲାବଣ୍ୟ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ଧର୍ମଶାଳା ବିଜେପି ନେତ୍ରୀ ସ୍ମୃତିରେଖା ପହି, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସତିଶ ବିଶ୍ୱାଳ, ବିଜେପି ନେତା ସର୍ବେଶ୍ୱର ବେହୁରା, ଧର୍ମଶାଳା ପ୍ରେସକ୍ଲବ ସଭାପତି ରମାକାନ୍ତ ଜେନା, ଅଧ୍ୟାପକ ଡ. ତୁହିନାଂଶୁ ରଥ, ଧର୍ମଶାଳା ଖୋଜ ସଭାପତି ନିର୍ମଳ ସାମଲ, ପତଂଜଳି ଯୋଗ ସମିତିର ଅଧ୍ୟକ୍ଷ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଆଇନଜୀବୀ ସନ୍ତୋଷ ତରାଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଓଡ଼ିଶାର ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟକୁ ଭଦ୍ରକର ଅବଦାନ କାଳଜୟୀ, ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ସନ୍ଧ୍ୟା

ଭଦ୍ରକ, (ପି.ଏନ): ଓଡ଼ିଶାର ପରମ୍ପରା, ସଂସ୍କୃତି ଓ ଭାଷା ସାହିତ୍ୟକୁ ଭଦ୍ରକ ଜିଲ୍ଲାର ଅବଦାନ ଇତିହାସ ଓ ସାଂସ୍କୃତିକ ପୃଷ୍ଠାରେ କାଳଜୟୀ ହୋଇ ରହିଛି ଓ ରହିଥିବ। ଏହି ମାଟିର ସାରସ୍ୱତ ପ୍ରତିଭା ବଂଶୀ ବଲ୍ଲଭ ଗୋସ୍ୱାମୀ, ଜଗନ୍ନାଥ ପାଣି, କବିଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, କେଶବ କବି କୁଞ୍ଜ ପ୍ରସାଦ ବେହେରା, ନାଟ୍ୟ ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର, ସଂଗୀତଜ୍ଞ ମନମୋହନ ସାବତ ଆଦି ବହୁ ସାରସ୍ୱତ ସାଧକ ମାନଙ୍କ ଅବଦାନ ଭଦ୍ରକକୁ ଅନନ୍ୟ ପରିଚୟ ଦେଇଛି ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଜନନାୟକ ହୃଦାନନ୍ଦ ମଲ୍ଲିକ ସ୍ମୃତିରେ ଆୟୋଜିତ ମଞ୍ଚରେ ପୌରୋହିତ୍ୟ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ଗଗନ ବିହାରୀ ରାଉତ। ଉକ୍ତ ସନ୍ଧ୍ୟାରେ ଦୟାନିଧି ବେହୁରା ମୁଖ୍ୟ ଅତିଥି, ଗୀତିକବି ପୀତାମ୍ବର ବେହୁରା ମୁଖ୍ୟବକ୍ତା, ଡାକ୍ତରର ହରେକୃଷ୍ଣ ନାୟକ, ଶିକ୍ଷାବିତ୍ ପ୍ରଭାତ କୁମାର ଜେନା, ଅଧିବକ୍ତା ଅତିସ୍ କୁମାର ବେହେରା, ଡାକ୍ତର ଅନିଲ କୁମାର ଦାଶ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ, କବୟତ୍ରୀ ଚୈତାଳୀ ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଇଂ ଅଭୟ ସୂତାର, ସମ୍ପାଦକ ରବିନାରାୟଣ ଖିଲାର, କୋଷାଧ୍ୟକ୍ଷ ଆଶିଷ ଅଭିତାଭ ମହାପାତ୍ର ସଭା ପରିଚାଳନା କରିଥିଲେ। ଉକ୍ତ ଉତ୍ସବ ପୂର୍ବରୁ ଆମ ମାତୃଭାଷା ପରିଷଦ ଆନୁକୂଲ୍ୟରେ ଗୀତିକବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର ମୁଖ୍ୟ ଅତିଥି, ଗୀତିକାର ରମାକାନ୍ତ ଦାସ, ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢ଼, କବି ବାବୁଲାଲ ଦାସ, ମମତା ରାଣି ଦାଶ, ରମେଶ ଚନ୍ଦ୍ର ଦାସ, ବିପ୍ଳବ କୁମାର ହୋତା, ଗୋକୁଳାନନ୍ଦ ରାଉତ, କବି ମୁକ୍ତିକାନ୍ତ ମଲ୍ଲିକ ପ୍ରମୁଖ ବରେଣ୍ୟ ଅତିଥି, ନାଟ୍ୟଶ୍ରୀ ନିର୍ମଳ ରାଉତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଭଦ୍ରକ ଜିଲ୍ଲା କୃଷି ଅଧିକାରୀ ତଥା ଆକାଶବାଣୀ ଗୀତିକାର ଇଂ ଅରୁଣ କୁମାର ପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସଂଗୀଜ୍ଞ ମନୋଜ କୁମାର ପଣ୍ଡା ଓ ବୀଣାପାଣି ତ୍ରିପାଠୀ କବିତାକୁ ସଂଯୋଜନା କରିଥିବା ବେଳେ କବୟତ୍ରୀ ସୁମିତ୍ରା ପାଣି ଅତିଥି ପରିଚୟ, ଶଶାଙ୍କ ଶେଖର ପଣ୍ଡା ସ୍ୱାଗତ ଭାଷଣ ଓ ଅଧ୍ୟାପକ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଭୁବନେଶ୍ୱର ସାରଳାଭାଷା ସାହିତ୍ୟ ଓ ପୁରାତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ 'ବନ୍ଦେ ଉତ୍କଳ ଜନନୀ' ଉପରେ ଶିଶୁ ଓ କିଶୋରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନ୍ୟାସର ସଭାପତି କାଳୀପଦ ରାୟ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶହୀଦ୍ ଭଗତ୍ ସେନା ଆବାହକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି, ସାହିତ୍ୟିକ ବିଭୂତି ଭୂଷଣ ସେନାପତି, ବାଇ ଚଢେଇ ସମ୍ପାଦକ ବିକାଶ କୁମାର ଶିପଥୀ, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ, ନ୍ୟାସର ସମ୍ପାଦକ ଅସିତ୍ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଓ ସୁଶ୍ରୀ ରଶ୍ମିତା ସେଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ସାଂସ୍କୃତିକ ସମାରୋହ

ଭଦ୍ରକ, (ପି.ଏନ): ଆଜି କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ ଠାରେ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, ଭଦ୍ରକ ଜିଲାକୁ ମିଶାଇ ୧୦ଟି କେନ୍ଦ୍ରୀୟ ବିଦ୍ୟାଳୟର ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆଧାରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭଦ୍ରକ ଜିଲାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ସମସ୍ତ କର୍ମକର୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁନ୍ଦର ଭାବେ ଆୟୋଜିତ ହୋଇଥିଲା। ଏଥିରେ ଏକକ ନୃତ୍ୟ, ସାମୁହିକ, ନୃତ୍ୟ, ଏକକ ସଂଗୀତ, ସାମୂହିକ ସଂଗୀତ, ହିନ୍ଦୁ, ଇଂରାଜୀ, କବିତା ଆବୃତି, ହିନ୍ଦୁ, ଇଂରାଜୀ ଗଳ୍ପ କଥନ ଏବଂ ଚିତ୍ରକଳା ଆଦି ପ୍ରତିଯୋଗିତାରେ ପିଲାମାନେ ଅଂଶଗ୍ରହଣ କରି ନିଜ ନିଜର କଳା ପ୍ରଦର୍ଶନ କରିଥିଲେ।


**CSB Bank**

**PUBLIC NOTICE ON AUCTION OF PLEDGED GOLD ORNAMENTS**

The borrower/s in specific and interested bidders in general are hereby informed that on account of non-repayment of Bank's dues by the borrowers as under despite the payment notice and recall/auction notice issued by the Bank, the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non- recourse" basis through e-auction portal http://csbgold.auctiontiger.net on 21st December, 2022 at 12:00 p.m . The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed off by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the bank.

| S.No. | Branch Name | Account Name | Client ID | No. of Acc. | Bal. Outstanding as on 11-12-2022 | Weight (grams) |
|---|---|---|---|---|---|---|
| 51 | BHUBANESWAR | SUBASH | 4458463 | 1 | 29229.23 | 8 |
| 52 | BHUBANESWAR | SUJATA P BARICK | 3337031 | 1 | 69036.87 | 21 |
| 53 | BHUBANESWAR | SUJATA PRIYADARSANI | 3337031 | 1 | 847082.74 | 235.1 |
| 54 | BHUBANESWAR | SUKADEBA | 4366387 | 1 | 255207.28 | 79 |
| 55 | BHUBANESWAR | SUKANT | 7447545 | 2 | 303298 | 83.9 |
| 56 | BHUBANESWAR | SURYA KANTI | 4054067 | 1 | 48069.41 | 16.8 |
| 57 | BHUBANESWAR | SWATI | 517131 | 5 | 842618.6 | 250 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

**Authorised Officer**
**CSB Bank**

Baleshwara | 14th December 2022


# ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ଭୂମିକା ଗୌରବୋଜ୍ଜ୍ୱଳ ଅଧ୍ୟାୟ

ଭଦ୍ରକ, (ପି.ଏନ): ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଭଦ୍ରକ ଜିଲ୍ଲାର ଭୂମିକା ଏକ ଗୌରବୋଜ୍ଜ୍ୱଳ ଅଧ୍ୟାୟ ସୃଷ୍ଟି କରି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ୧୯୨୧ ମସିହା ମାର୍ଚ୍ଚ ମାସ ୨୫ ତାରିଖରେ ମହାତ୍ମା ଗାନ୍ଧୀ ପ୍ରଥମେ ଏହି ଗାନ୍ଧି ପଡ଼ିଆରେ ପଦାର୍ପଣ କରି ସ୍ୱାଧୀନତା ସଂଗ୍ରାମର ବୀଜ ବପନ କରିଥିଲେ ଏବଂ ପରେପରେ ୧୯୨୭ ମସିହା ଡିସେମ୍ବର ୧୭ ଓ ୧୯୩୪ ମସିହା ଜୁନ ୨ରେ ସେ ଭଦ୍ରକ ଆସି ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କରିଥିଲେ। ଯାହା ଫଳରେ ଭଦ୍ରକ ଜିଲ୍ଲା ସମସ୍ତ ସ୍ୱାଧୀନତା ସଂଗ୍ରାମ ଯଥା - ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ହରିଜନ ପଦଯାତ୍ରା, ବ୍ୟକ୍ତିଗତ ସତ୍ୟାଗ୍ରହ ତଥା ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ ସ୍ୱାଧୀନତା ସଂଗ୍ରାମକୁ ଜ୍ୱାଳାମୁଖୀ କରିଥିଲା । ଭାରତ ଛାଡ଼ ଆନ୍ଦୋଳନରେ ଲୁଣିଆ ଠାରେ ୯ଜଣ ଓ ଇରମ ଠାରେ ୨୯ଜଣ ଶହୀଦ୍ ହୋଇଥିଲେ ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଇରମ ମାଟିର ଅବିସ୍ମରଣୀୟ ପ୍ରତିଭା ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ଏହି ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ମୁଖ୍ୟଅତିଥି, ଅତିରିକ୍ତ ଉପଜିଲ୍ଲାପାଳ ଲକ୍ଷ୍ମୀ ପ୍ରସାଦ ସାହୁ ବିଶିଷ୍ଟ ଅତିଥି, ଭଦ୍ରକ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଡ. ସୁଦର୍ଶନ ବାରିକ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ର, ଶିକ୍ଷାବିତ୍ ଦୁଃଶାସନ ରାଉତ, ପ୍ରଧାନ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀ, ବାଇଚଢେଇର ସମ୍ପାଦକ ବିକାଶ କୁମାର ଶତପଥୀ ବରେଣ୍ୟ ଅତିଥି, ଶିକ୍ଷାବିତ୍ ତଥା ଗାଳ୍ପିକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ କବି ଓ ସଂଗଠକ ବାବୁଲାଲ ଦାସ ପୌରୋହିତ୍ୟ କରିଥିଲେ। ଆବାହକ ନୀହାର ରଞ୍ଜନ କର ଅତିଥି ପରିଚୟ, ସଭାପତି ଇଂ ଅଭୟ ସୂତାର ସ୍ୱାଗତ ଭାଷଣ, ପ୍ରଧାନ ଶିକ୍ଷୟତ୍ରୀ ଜାନକୀ ପାଢୀ ଅତିଥିମାନଙ୍କୁ ମଂଚ ଆବାହନ ଓ ସଂଯୋଜନା କରିଥିଲେ। ସମାଜସେବିକା, କବୟତ୍ରୀ ସୁମିତ୍ରା ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ସଂଗୀତ ପରିବେଷଣ କରିଥିବା ବେଳେ ସମ୍ପାଦକ ରବିନାରାୟଣ ଖିଲାର ଓ କୋଷାଧ୍ୟକ୍ଷ ଆଶିଷ ଅମିତାଭ ମହାପାତ୍ର ଉତ୍ସବ ପରିଚାଳନା କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଓ ସୁଶ୍ରୀ ରଶ୍ମିତା ସେଠୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯମୁନାଲାଲ ବଜାଜ ପୁରସ୍କାରପ୍ରାପ୍ତ ସୋଫିଆ ଶେଖ୍‌ଙ୍କୁ ଭଦ୍ରକରେ ସ୍ୱାଗତ

ଭଦ୍ରକ, (ପି.ଏନ): ବିଶିଷ୍ଟ ସମାଜସେବିକା, ସ୍ୱେଚ୍ଛାସେବୀ ସଂଗଠନ ସୋସାଇଟି ଫର ଡିକର କମ୍ୟୁନିଟି(ଆଶିୟାନା)ର ସମ୍ପାଦିକା, ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶିକା ଭଦ୍ରକର ସୁଯୋଗ୍ୟା ନାରୀ ପ୍ରତିଭା ସୋଫିଆ ଶେଖ୍ ମର୍ଯ୍ୟାଦା ଜନକ ୪୪ତମ ଯମୁନାଲାଲ ବଜାଜ୍- ୨୦୨୨ ପୁରସ୍କାର ପାଇ ଆଜି ଭଦ୍ରକକୁ ଫେରିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭଦ୍ରକର ବହୁ ସଂଗଠନ, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଭଦ୍ରକ ରେଳ ଷ୍ଟେସନକୁ ଯାଇ ତାଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ବେହେରା, ଭଦ୍ରକ ରେଳ ଷ୍ଟେସନ ମ୍ୟାନେଜର ସନ୍ତୋଷ କୁମାର ସାହୁ, ଆର୍‌ପିଏଫ୍ ଆଇଆଇସି ଦିଲିପ କୁମାର, ଜିଆର୍‌ପି ଆଇଆଇସି ଆର୍. ଶଙ୍କର ରାୟ, ଆଶିୟାନାର ନିର୍ଦ୍ଦେଶକ ସଲାମ ଭାଇ, ସଂଯୋଜକ ରିୟାଜ ଅହମ୍ମଦ, ପରାମର୍ଶଦାତ୍ରୀ ଅନିମା ପଣ୍ଡା, ସ୍ୱଧାର ଗୃହ ପରିଚାଳକ ସବାନା ଶେଖ୍, ମୁକ୍ତାଶ୍ରୟ କେନ୍ଦ୍ରର ସଂଯୋଜକ ସମ୍ବିତ୍ ମହାନ୍ତି, ସାମାଜିକ କର୍ମୀ ଭାଗ୍ୟଶ୍ରୀ ମହାକୁଡ଼, ଶାନ୍ତିଲତା ସ୍ୱାଇଁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ୫ଟି ରୂପାନ୍ତରିତ ବିଦ୍ୟାଳୟର ଦୁରାବସ୍ଥା

ଯୋଡ଼ା, (ପି.ଏନ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାଲାଗୋଡ଼ା ପଂଚାୟତ ଅନ୍ତର୍ଗତ ବାଲାଗୋଡ଼ା ବସ୍ତିରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫ଟି ଅଧୀନରେ ରୂପାନ୍ତରିତ ହୋଇଥିଲା । ରୂପାନ୍ତରିତ କାର୍ଯ୍ୟ ଏତେ ନିମ୍ନ ମାନର ହୋଇଛି ଯେ ରୂପାନ୍ତରିତ ପରେ ମୁଖ୍ୟ ଫାଟକର ନାମ ଫଳକରୁ ଟାଇଲ ଖସି ପିଲା ଆହତ ହେଉଥିବା ନେଇ ଅଭିଯୋଗ ହେଉଛି । ଏହା ବ୍ୟତୀତ ବିଦ୍ୟାଳୟର ଶୋଭାଗୃହ ନିର୍ମାଣର ମାସେ ପରେ ପାର୍ଶ୍ୱ କାନ୍ଥ ଭୁଶୁଡି ପଡିବା ସହ ଶୋଭା ଗୃହ ତଳୁ ମାଟି ଧସିବା ଆରମ୍ଭ ହୋଇଥିବା ନେଇ ଅଭିଯୋଗ ହେଉଛି । ଶୋଭା ଗୃହ ଟି ବର୍ତମାନ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବେଳେ କେତେବେଳେ ଯେ କୌଣସି ଅଘଟଣ ଘଟିବ ତାକୁ ନେଇ ଅଭିଭାବକ ମାନେ ଚିନ୍ତା ପ୍ରକାଶ କରିଛନ୍ତି । ଲୋକ ଦେଖାଣିଆ ଭାବେ ୫ଟି ରୂପାନ୍ତରିତ ହୋଇଥିଲେ ସୁଦ୍ଧା ବର୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟ ବାଉଣ୍ଡାରୀ ନିର୍ମାଣ କରାଯାଇନାହିଁ । ବାଉଣ୍ଡାରୀ ନଥିବାରୁ ଗୋରୁ ଗାଈ ବିଦ୍ୟାଳୟରେ ପ୍ରବେଶ କରିବା ସହିତ ବୁଲା କୁକୁର ପ୍ରବେଶ କରୁଛନ୍ତି । ଯଦ୍ଦ୍ୱାରା କି ଛୋଟ ଛୋଟ ଛୁଆ ମାନେ ଅସୁରକ୍ଷିତ ପରିସ୍ଥିତିରେ ବିଦ୍ୟାର୍ଜନ କରୁଛନ୍ତି । ଠିକାଦାର ଓ ସରକାରୀ ବାବୁ ମାନଙ୍କ ଭିତିରି ବୁଝାମଣା ଯୋଗୁଁ ୫ଟି ରୂପାନ୍ତରଣ କାର୍ଯ୍ୟ ନିମ୍ନ ମାନର ଓ ତରବରିଆ ଭାବରେ କରାଯାଇଥିବାରୁ ଏହାର ଦୁଷପରିଣାମ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭୋଗିବାକୁ ବାଧ ହେଉଛନ୍ତି । ବିଦ୍ୟାଳୟ ୫ଟି ରୂପାନ୍ତରିତ ହୋଇଥିଲେ ସୁଦ୍ଧା ଆନୁସାଙ୍ଗିକ ସୁବିଧା ସୁଯୋଗ ଛାତ୍ରଛାତ୍ରୀ ଙ୍କୁ ମିଳି ପାରୁନାହିଁ । ବିଦ୍ୟାଳୟରେ ଯଥେଷ୍ଟ ଶ୍ରେଣୀ ଗୃହ ନଥିବାରୁ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ମିଳିତ ଭାବରେ ଗୋଟିଏ ଶ୍ରେଣୀ ଗୃହରେ ଶିକ୍ଷା ଲାଭ କରୁଥିବା ଯୋଗୁଁ ଶିକ୍ଷା ଗ୍ରହଣ କରିବାରେ ଛାତ୍ରଛାତ୍ରୀ ଅସୁବିଧା ଭୋଗ କରୁଛନ୍ତି । ଏହା ବ୍ୟତୀତ ବିଦ୍ୟାଳୟରେ ଥିବା ଏକ ମାତ୍ର ନଳକୂପ ରୁ ଗୋଳିଆ ପାଣି ବାହାରୁଥିବା ଯୋଗୁଁ ଛାତ୍ରଛାତ୍ରୀ ପାନୀୟ ଜଳରୁ ବଂଚିତ ହେଉଛନ୍ତି । ବିଦ୍ୟାଳୟରେ ରୋଷେଇ ଗୃହର ଅଭାବ ଥିବା ଯୋଗୁଁ ଛାତ୍ରଛାତ୍ରୀ ପାଖରେ ଥିବା ଛାତ୍ରାବାସ କୁ ରାସ୍ତା ପାର କରି ଅସୁରକ୍ଷିତ ଭାବେ ଯାଇ ଦିବା ଖାଦ୍ୟ ଗ୍ରହଣ କରିବାକୁ ବାଧ ହେଉଛନ୍ତି । ବିଦ୍ୟାଳୟର ୫ଟି ରୂପାନ୍ତରଣ କାର୍ଯ୍ୟ ର ଦୁର୍ନୀତି ଜଳଜଳ ହୋଇ ବାହାରକୁ ଦିଶୁ ଥିବା ବେଳେ ଏହାର ବିଧିବଦ୍ଧ ଭାବେ ତଦନ୍ତ କରାଯାଇ ଦୁର୍ନୀତି ଗ୍ରସ୍ତ ସରକାରୀ ବାବୁ ଓ ଠିକାଦାର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।






# ନନ୍ଦୋର ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ବାରଣ୍ଡାରେ ପଢୁଛନ୍ତି ପାଠ

ଭଦ୍ରକ, (ପି.ଏନ): ସରକାର ଶିକ୍ଷା ଓ ଶିକ୍ଷାୟତନର ବିକାଶ ପାଇଁ ଏବେ ମିଶନ ମୁଡ଼ରେ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏପରିକି ବିଭିନ୍ନ ବିଦ୍ୟାଳୟରେ ଭିତିଭୂମିରେ ବିକାଶ ସହିତ ଆବଶକୀୟ ଶିକ୍ଷକ ପଦବୀ ମଧ୍ୟ ପୂରଣ କରୁଛନ୍ତି। ମାତ୍ର ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ଅଧିନସ୍ଥ ବୋଡ଼କ ପଂଚାୟତରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ପଂଚାୟତର ପୁରାତନ ନନ୍ଦୋର ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ବଡ଼ ଶୋଚନୀୟ ହୋଇଛି। ଏହି ସ୍କୁଲରେ ଆବଶକୀୟ ଶ୍ରେଣୀ ଗୃହର ଅଭାବ ଯୋଗୁ ଛୋଟ ଛୋଟ ପିଲାମାନେ ବିଦ୍ୟାଳୟର ରୋଷେଇ ଘରେ ଏବଂ ବାରଣ୍ଡାରେ ପାଠ ପଢୁଛନ୍ତି। ବାରମ୍ବାର ଦାବି ପରେ ଶିକ୍ଷା ବିଭାଗ କିଛି ପଦକ୍ଷେପ ନେଉ ନଥିବାରୁ ଏହି ପୁରାତନ ବିଦ୍ୟାଳୟ ଟିରେ ଛାତ୍ର ଉପସ୍ଥାନ ସଂଖ୍ୟା ମଧ୍ୟ ଧୀରେ କମିବାରେ ଲାଗିଛି। ଅନ୍ୟ ପକ୍ଷରେ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ଭଙ୍ଗା ଶ୍ରେଣୀ ଗୃହକୁ ଏପର୍ଯ୍ୟନ୍ତ ଅନ ସେଫ ଘୋଷଣା ହେଉ ନାହିଁ କି ତାକୁ ମଧ୍ୟ ଭଙ୍ଗା ଯାଇ ନୂଆ ବିଲିଡିଙ୍ଗ ନିର୍ମାଣ ହେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ପ୍ରକାଶ ଯେ ନନ୍ଦୋର ପ୍ରାଥମିକ ବିଦ୍ୟାଳୟ ୧୯୪୬ ମସିହାରେ ପ୍ରତିଷ୍ଠା ହେବା ସହିତ ସେହି ଅଂଚଳର ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରରେ ଏହି ବିଦ୍ୟାଳୟ ଏକ ମାଇଲ ଖୁଂଟ ଭାବେ ଛିଡା ହୋଇଥିଲା। ଏଠାରେ ଏବେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ୬୬ ଜଣ ପିଲା ଅଧ୍ୟୟନ କରୁଛନ୍ତି। ମାତ୍ର ଏହି ୬୬ ଜଣ ପିଲାଙ୍କ ପାଇଁ ୩ଜଣ ଶିକ୍ଷକ ମଧ୍ୟ ରହିଛନ୍ତି। କିନ୍ତୁ ଆବଶ୍ୟକୀୟ ଶ୍ରେଣୀ ଗୃହ ଏହି ବିଦ୍ୟାଳୟଟିରେ ନାହିଁ। ଗୋଟିଏ ଛୋଟିଆ ଘରେ ଛୋଟ ଛୋଟ ପିଲା ବସି ଠିକ ଭାବେ ପଢି ପାରୁନାହାନ୍ତି। ତେଣୁ ସ୍ଥାନ ଅଭାବ ରୁ ପ୍ରଥମ ଶ୍ରେଣୀର ପିଲା ମାନେ ବିଦ୍ୟାଳୟ ରୋଷେଇ ଘରେ ଅଧ୍ୟୟନ କରୁଥିବା ବେଳେ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀର ପିଲାମାନେ ବିଦ୍ୟାଳୟ ବାରଣ୍ଡାରେ ବସି ପାଠ ପଢୁଛନ୍ତି। ଏପରିକି ବର୍ଷା ଏବଂ ଖରା ଦିନରେ ବାରଣ୍ଡାରେ ପାଲ ଟାଣି ପିଲାମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପାଠ ପଢାଉଛନ୍ତି। ସେହିପରି ବିଦ୍ୟାଳୟ ପରିସର ରେ ଏକ ପୁରାତନ ଭଙ୍ଗା ଘର ଅଛି। ତାକୁ ଏ ପର୍ଯ୍ୟନ୍ତ ଅନ୍‌ସେଫ ଘୋଷଣା କରାଯାଉ ନାହିଁ କି ତାକୁ ମଧ୍ୟ ଭଙ୍ଗା ଯାଉନାହିଁ। ତେଣୁ ବିପଦ ସଂକୁଳ ବିଲଡିଂକୁ ଭାଙ୍ଗି ସେଠାରେ ଏକ ନୂଆ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀମାନେ ଦାବି କରୁଥିଲେ ମଧ୍ୟ ସେଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେଉ ନାହିଁ। ସେହିପରି ରାସ୍ତା ପାର୍ଶ୍ୱରେ ବିଦ୍ୟାଳୟଟି ଥିଲେ ମଧ୍ୟ ପାଚେରୀ ବି ନାହିଁ। ତାହା ମଧ୍ୟ ଅନେକ ସମୟରେ ପିଲାମାନଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ବିଦ୍ୟାଳୟରେ ଶ୍ରେଣୀ ଗୃହ ନଥିବାରୁ ଅଧିକାଂଶ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ବାହାର ବିଦ୍ୟାଳୟ ଏବଂ ଘରୋଇ ବିଦ୍ୟାଳୟକୁ ନେଇ ପଢାଉଛନ୍ତି। ତେଣୁ ପ୍ରତି ବର୍ଷ ପିଲା ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ତେଣୁ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଏହି ପୁରାତନ ବିଦ୍ୟାଳୟଟିରେ ଥିବା ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ଓ ଗ୍ରାମବାସୀମାନେ ଦାବି କରିଛନ୍ତି।

## ଭାରତ ଓ ଦକ୍ଷିଣ ଏସିଆରେ ଭଲିବଲ୍‌ର ପ୍ରସାର ନିମନ୍ତେ

ଭୁବନେଶ୍ୱର, (ପି.ଏନ): ଭାରତ ଓ ଦକ୍ଷିଣ ଏସିଆରେ ଭଲିବଲ୍‌ର ପ୍ରସାର ନିମନ୍ତେ କିସ୍ ଓ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ମଧ୍ୟରେ ସୋମବାର ସୁଇଜରଲାଣ୍ଡଠାରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଏଫ୍‌ଆଇଭିବି ପକ୍ଷରୁ ଏଫ୍‌ଆଇଭିବିର ସଭାପତି ଆରି ଗ୍ରାକା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣା ଅନୁସାରେ ଭାରତ ଓ ଦକ୍ଷିଣ ଏସିଆରେ ଭଲିବଲର ପ୍ରସାର ନିମନ୍ତେ କିସ୍ ନୋଡାଲ୍ ଏଜେନ୍‌ସୀ ଭାବେ କାର୍ଯ୍ୟ କରିବ। କିସ୍ ଓ ଏଫ୍‌ଆଇଭିବି ମିଳିତ ଭାବେ ଭାରତ ଓ ଦକ୍ଷିଣ ଏସିଆରେ ବିଦ୍ୟାଳୟସ୍ତରରେ ଭଲିବଲର ପ୍ରସାର ଦିଗରେ କାର୍ଯ୍ୟ କରିବେ। ଏହା ସହିତ କିସ୍ ଭଲିବଲ୍ ତାଲିମ୍ ଓ ଅନ୍ୟ କ୍ରୀଡ଼ା ସମ୍ପର୍କିତ ଶିକ୍ଷା ସୁବିଧାର ନଲେଜ ହବ୍‌ରେ ପରିଣତ ହେବ। କିସ୍ ମଧ୍ୟ ରାଷ୍ଟ୍ରୀୟ ଭଲିବଲ୍ ଦଳଗୁଡ଼ିକ ପାଇଁ ତାଲିମ୍ ଓ ଶିକ୍ଷା କାର୍ଯ୍ୟକ୍ରମ ଯୋଗାଇ ଦେବା ପରେ ଏହା ଭଲିବଲ୍ ତାଲିମ୍ ହବ୍‌ରେ ପରିଣତ ହେବ। କୌଣସି ଶିକ୍ଷାନୁଷ୍ଠାନ ସହ ଏଭଳି ବୁଝାମଣା କରିବାରେ କିସ୍ ବିଶ୍ୱର ପ୍ରଥମ ଅନୁଷ୍ଠାନ। ଏଫ୍‌ଆଇଭିବି ଭଲିବଲ୍ ପାଇଁ ସମସ୍ତ କ୍ରୀଡ଼ା ଉପକରଣ ଯୋଗାଇ ଦେବ।ବୁଝାମଣା ଅବସରରେ ଅନ୍ତର୍ଜାତୀୟ ଭଲିବଲ୍ ସଂଘର ସଭାପତି ଆରି ଗ୍ରାକା କହିଲେ, ଭାରତ ଓ ଦକ୍ଷିଣ ଏସିଆରେ ଭଲିବଲ୍ ଓ ବିଚ୍ ଭଲିବଲ୍‌ର ପ୍ରସାର ନିମନ୍ତେ କିସ୍ ସହ ମିଶି କାମ କରିବାର ସୁଯୋଗ ମିଳିଲା। ଏହି ଉଦ୍ୟମ ଦ୍ୱାରା ଭଲିବଲ୍ ମାଧ୍ୟମରେ ବିଶ୍ୱର ବିଭିନ୍ନ ଦେଶ ଓ ବିଶେଷ କରି



ପିଲାମାନଙ୍କୁ ଏକାଠି କରାଯାଇପାରିବ। କିସ୍‌କୁ ଏଥିପାଇଁ ନୋଡାଲ୍ ଏଜେନ୍‌ସୀ କରାଯାଇଥିବାରୁ ଶ୍ରୀ ସାମନ୍ତ ଆରି ଗ୍ରାକା ଓ ଅନ୍ତର୍ଜାତୀୟ ଭଲିବଲ୍ ସଂଘକୁ ଧନ୍ୟବାଦ ଜଣାଇଥିଲେ। ଶ୍ରୀ ସାମନ୍ତ କହିଲେ, ଏହା ଦ୍ୱାରା ଭାରତ ବିଶେଷ କରି ଓଡ଼ିଶାର ବାଳିକାମାନେ କିଭଳି ଅଧିକରୁ ଅଧିକ ଭଲବଲ୍ ଖେଳିବେ ସେ ଦିଗରେ ଗୁରୁତ୍ୱ ଦିଆଯିବ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରି ସେ କହିଲେ, ମୁଖ୍ୟମନ୍ତ୍ରୀ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଆମେ ଏଭଳି କାର୍ଯ୍ୟ ସବୁ କରିପାରୁଛୁ ବୋଲି ଶ୍ରୀ ସାମନ୍ତ କହିଥିଲେ। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସରେ ନେଦରଲାଣ୍ଡରେ ଏଫ୍‌ଆଇଭିବିର ୩୮ତମ ବିଶ୍ୱ କଂଗ୍ରେସରେ ଯୋଗଦେଇ ଭାରତ, ବିଶେଷ କରି ଓଡ଼ିଶାରେ ଭଲିବଲ୍‌ର ପ୍ରସାର ଏବଂ କିସ୍‌କୁ ଏଫ୍‌ଆଇଭିବି ଭଲିବଲ୍ ଫର ସ୍କୁଲ୍‌ର ନୋଡାଲ୍ ଏଜେନ୍‌ସୀ କରିବା ପାଇଁ ଶ୍ରୀ ସାମନ୍ତ ଏଫ୍‌ଆଇଭିବିକୁ ପ୍ରସ୍ତାବ ଦେଇଥିଲେ। କିଛି ଦିନ ତଳେ ଅନ୍ତର୍ଜାତୀୟ ଭଲିବଲ୍ ସଂଘର ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋ କିସ୍ ଓ କିଟ୍ ପରିଦର୍ଶନ କରି ଏଠାରେ ଥିବା କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ। କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମି ଦେଖି ସେ ଆନନ୍ଦ ପ୍ରକାଶ କରିବା ସହ ଭାରତ ଓ ଦକ୍ଷିଣ ଏସିଆରେ ଭଲିବଲ୍‌ର ପ୍ରସାର ନିମନ୍ତେ କିସ୍‌କୁ ନୋଡାଲ୍ ଏଜେନ୍‌ସୀ କରିବା ନେଇ ପ୍ରୟାସ ଆରମ୍ଭ କରିଥିଲେ। ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଏହା ସଫଳ ହୋଇଥିବାରୁ ଫାବିଓ ଆନନ୍ଦ ପ୍ରକାଶ କରିବା ସହ କିସ୍‌ର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ।

## ୩୮ତମ ବାର୍ଷିକ କ୍ରିଡା ଉଦଘାଟିତ

ଚମ୍ପୁଆ,(ପି.ଏନ): ଚମ୍ପୁଆ ସରସ୍ୱତୀ ଶିଶୁ ମନ୍ଦିରର ୩୮ ତମ ବାର୍ଷିକ କ୍ରିଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ନେହେରୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଭାରପ୍ରାପ୍ତ ରେଂଜ ଅଧିକାରୀ ସଂଜିବ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଥାନା ଅଧିକାରି ଗଗନ ବିହାରୀ ନୟକ, ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ସଂପାଦକ ଭୋଳାନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ସୁସ୍ଥ ଶରୀର ପାଇଁ ସୁସ୍ଥ ପରିବଶେ, ସର୍ବାଙ୍ଗିନ ବିକାଶ ପାଇଁ କ୍ରିଡାର ଆବଶ୍ୟକତା, ଅଭ୍ୟାସ କଲେ ଜଣେ ଶ୍ରେଷ୍ଠ କ୍ରିଡାବିତ ହୋଇପାରିବେ ବୋଲି ମତପୋଷଣ କରିଥିଲେ। ୮୭ ଗୋଟି ବିଭାଗରେ ଶିଶୁ ପ୍ରାରମ୍ଭ ଠାରୁ ଆରମ୍ଭ କରି ଦଶମ ପର୍ଯ୍ୟନ୍ତ ୮୬୪ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## କନ୍ଦ ଜାତୀୟ ଫସଲ ଚ଼ାଷରୁ ମିଳିବ ଲାଭ

ଭୁବନେଶ୍ୱର,(ପି.ଏନ): ସୋଆ ବିଶ୍ୱବିଦ୍ୟାଳୟ ପରିଚ଼ାଳିତ କୃଷି ମହାବିଦ୍ୟାଳୟ, ଫାକଲ୍ଟି ଅଫ ଏଗ୍ରିକଲଚ଼ରାଲ ସାଇନ୍ସ ର ଚ଼ତୁର୍ଥ ବର୍ଷ ଛାତ୍ର ମାନେ ଭୁବନେଶ୍ୱର ଉପକଣ୍ଠ କଣ୍ଟାବାଡ଼ ଗ୍ରାମ ରେ ଆୟୋଜନ କରିଥିବା କୃଷି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ର ଦ୍ୱିତୀୟ ପର୍ଯ୍ୟାୟ ରେ କନ୍ଦ ଜାତୀୟ ଫସଲ ର ଉପାଦେୟତା ଓ ଏହାର ଚ଼ାଷ ସମ୍ପର୍କ ରେ ଆଲୋଚ଼ନା କରିଛନ୍ତି। ମାଟି ତଳେ ଯେଉଁ ଫସଲ ଗୁଡିକ ଫଳିଥାଏ ସେସବୁ କୁ କନ୍ଦ ଜାତୀୟ ଫସଲ କୁହାଯାଏ ଓ ଏଗୁଡିକ କୁ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ କରି ଚ଼ାଷ କଲେ ଚ଼ାଷୀ ମାନେ ନିଶ୍ଚୟ ଲାଭ ପାଇବା ସହ କମ ପରିଶ୍ରମ ରେ ନିଜ ଫସଲ ର ବଜାରିକରଣ ମଧ୍ୟ କରିପାରିବେ। ଡକ୍ଟର ଭୁବନାନନ୍ଦ ଅଧିକାରୀ ଙ୍କ ତତ୍ତ୍ୱାବଧାନ ରେ ସଂଯୋଜିତ ଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଦେବାଶିଷ ବିଶ୍ୱାଳ, ଅତୁଲ୍ୟ ଷେଠୀ, ଅନିମେଶ ସ୍ୱାଇଁ, କାର୍ତ୍ତିକ ଏମ ଏନ, ସମୀର ଖଣ୍ଡା, ଶିବ ବିଶ୍ୱାଳ ପ୍ରମୁଖ ଛାତ୍ର ମାନେ ବିଭିନ୍ନ କନ୍ଦ ଜାତୀୟ ଫସଲ ଯଥା ଖମ୍ବ ଆଳୁ, ସାରୁ, ପାଳୁଅ, କନ୍ଦମୂଳ



ଇତ୍ୟାଦି ଫସଲ ର ବିବିଧ କିସମ, ଏଥିପାଇଁ ଆବଶ୍ୟକୀୟ ଜଳବାୟୁ, ମୃତ୍ତିକା ଓ ଏହାର ଫସଲ ଉତ୍ପାଦନ କରିବାର ସବୁ ବୈଜ୍ଞାନିକ କୌଶଳ ବିଷୟରେ ଆଲୋଚ଼ନା କରିଥିଲେ। ସ୍ଥାନୀୟ ବାଲୁଙ୍କ ?ଶ୍ୱର ଶିବ ମନ୍ଦିର ରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ତନ୍ମୟ ନାୟକ, ସ୍ୱଦେଶ ବେହେରା, ଅରୋଶିଷ ଦାସ, ଅନମିତ୍ର ଦତ୍ତ, ଏସ କେ ତସୱାର ଉଦ୍ଦିନ, ସିଦ୍ଧାନ୍ତ ରାଉତ ପ୍ରମୁଖ ଛାତ୍ର ମାନେ ପରିଚ଼ାଳନା କରିଥିଲେ। କଣ୍ଟାବାଡ଼ ଗ୍ରାମ ର ଅଗ୍ରଣୀ ଚ଼ାଷୀ ଯଥା ଜିତେନ୍ଦ୍ର ବାରିକ, କୁଶ ପରିଡା, ଗୋବର୍ଦ୍ଧନ ସାହୁ, ଧନେଶ୍ୱର ସାହୁ, ପ୍ରମୋଦ ସାହୁ, ପ୍ରଫୁଲ୍ଲ ଭଞ୍ଜ, କୈଳାଶ ଭୋଇ, ତ୍ରିଲୋଚ଼ନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଛାତ୍ର ମାନଙ୍କ ସହ ଆଲୋଚ଼ନା ରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ରେ କୃଷି ରେ ଫସଲ ବିଭିନ୍ନତା ଓ ଫସଲ ପର୍ଯ୍ୟାୟ ବିଷୟ ରେ ମଧ୍ୟ ଆଲୋକପାତ କରାଯାଇଥିଲା।

## ମାଟିର ମହାପର୍ବ ଅଳକା ଆଶ୍ରମ ଶତବାର୍ଷିକୀରେ ଏକାଠି ହେବ ସମ୍ପୂର୍ଣ୍ଣ ଜିଲ୍ଲା

ପାରାଦୀପ,(ପି.ଏନ): ଜାତୀୟ ମୁକ୍ତି ସଂଗ୍ରାମରେ ଏକ ଅନନ୍ୟ ଭୂମିକା ନିର୍ବାହ କରିବା ସହିତ ସ୍ୱାଧିନତା ସଂଗ୍ରାମୀଙ୍କୁ ଗାନ୍ଧୀବାଦର ଦର୍ଶନରେ ଅନୁପ୍ରଣିତ କରି ଏକ ଶ୍ରେଷ୍ଟ, ମୁକ୍ତ ଓ ଆର୍ଥିକ ସ୍ୱାବଲମ୍ବୀ ଭାରତ ଗଠନ କରିବା ପାଇଁ ନିଜକୁ ସମର୍ପଣ କରିବା ପାଇଁ ପ୍ରଶିକ୍ଷଣ ଦେଇଥିବା ଜଗତସିଂହପୁର ଜିଲ୍ଲାର ଅଳକା ଆଶ୍ରମର ଏକ ବର୍ଷ ବ୍ୟାପି ଶତବାର୍ଷିକୀ ସମାରୋହ ଗତ ୨୦୨୨ ଶ୍ରୀପଂଚମୀ ଦିନ ଓଡିଶାର ରାଜ୍ୟପାଳଙ୍କ ଦ୍ୱାରା ଉଦଘାଟିତ ହୋଇ ୨୦୨୩ ଶ୍ରୀପଂଚମୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାରି ରହିଛି। ଏହାର ସମାବର୍ତନ ଉତ୍ସବ ଆସନ୍ତା ଜାନୁଆରୀ ମାସ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହେବ। ଜିଲ୍ଲାର ଶିକ୍ଷା, ସାଂସ୍କୃତିକ, ସାହିତ୍ୟ, ସାମାଜିକ ତଥା ସମସ୍ତ ଅନୁଷ୍ଠାନକୁ ସାମିଲ କରି ଦେଶ ତଥା ବିଦେଶର ବରିଷ୍ଠ ଗାନ୍ଧୀବାଦୀ, ବୁଦ୍ଧିଜୀବୀ ଓ ନେତୃବର୍ଗଙ୍କ ଉପସ୍ଥିତିରେ ଏହି ଚାରିଦିନ ବ୍ୟାପି କାର୍ଯ୍ୟକ୍ରମ ଜାତୀୟ ସ୍ତରରେ ପ୍ରଭାବ ସୃଷ୍ଟି କରିବ ବୋଲି ମଙ୍ଗଳବାର ଦିନ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକଙ୍କ ଉପସ୍ଥିତିରେ କମିଟିର ଆବାହକ ତଥା ଶିକ୍ଷାବିତ୍ ଦେବେନ୍ଦ୍ର ରାଉତ ସୂଚନା ଦେଇଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରି ସେମାନଙ୍କୁ ଭାରତୀୟ ମୁକ୍ତି ସଂଗ୍ରାମର ଏହି ମହାନ ଅନୁଷ୍ଠାନର ଗୌରବମୟ ଇତିହାସକୁ ଅବଗତ କରାଇବା ପାଇଁ ପ୍ରୟାସ କରାଯିବା ସହିତ ସମ୍ପୂର୍ଣ୍ଣ ଜିଲ୍ଲାରେ ଥିବା ସ୍ୱାଧିନତା ସଂଗ୍ରାମର ପ୍ରତ୍ୟେକ ପୀଠରେ ଅଳକା ଆଶ୍ରମର ଶତବାର୍ଷିକୀ କାର୍ଯ୍ୟକ୍ରମ କରାଯାଇ ସାଧାରଣ ଜନତାଙ୍କୁ ଏହାର ଅବର୍ଣ୍ଣନୀୟ ତ୍ୟାଗ ବିଷୟରେ ସଚ୍ଚେତନ କରାଯିବାର କାର୍ଯ୍ୟକ୍ରମ ଜାରୀ ରହିଛି ବୋଲି ଆବାହକ ଶ୍ରୀ ରାଉତ ପ୍ରକାଶ କରିଛନ୍ତି। ପାରାଦୀପ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଉପସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଆଇନଜିବୀ ସୁରେଶ ଚନ୍ଦ୍ର ଦାସ, ନଗେନ୍ଦ୍ର ନାଥ ସ୍ୱାଇଁ ଓ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ଅସହାୟ ପରିବାରକୁ ସହାୟତାର ହାତ ବଢାଇଲେ ପୁରାତନ ସାଥୀ

ଭଗାମୁଣ୍ଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ପଂଚାୟତର ଧଳପୁର ଗ୍ରାମର ରାମଚନ୍ଦ୍ର ମୁଣ୍ଡା ଅର୍ଥ ଅଭାବରୁ ଗତ ଅକ୍ଟୋବର ମାସ ୮ ତାରିଖ ଦିନ ଆତ୍ମହତ୍ୟା କରିଥିବା ବେଳେ ଏହି ଖବର ପାଇ ୨୦୦୬ ମସିହାରେ ତାଙ୍କ ସହିତ ଭଗାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ସାଙ୍ଗମାନେ ତାଙ୍କର ବିଧବା ପତ୍ନୀଙ୍କୁ ସାହାଯ୍ୟର ହାତ ବଢାଇଛନ୍ତି। ପ୍ରତ୍ୟେକ ସାଙ୍ଗ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗ କରି ଏରାମଚନ୍ଦ୍ର ମୁଣ୍ଡାଙ୍କ ଘରେ ପହଂଚି ତାଙ୍କର ବିଧବା ପତ୍ନୀଙ୍କୁ ୨୦ ହଜାର ୫ଶହ ଟଙ୍କା ଅର୍ଥରାଶି ପ୍ରଦାନ କରିଛନ୍ତି। ଆହୁରି ମଧ ଯେ ପର୍ଯ୍ୟନ୍ତ ଏମୁଣ୍ଡାଙ୍କ ପତ୍ନୀ ନିଜେ ଆତ୍ମନିର୍ଭରଶୀଳ ହୋଇପାରି ନାହାଁନ୍ତି ସେ ପର୍ଯ୍ୟନ୍ତ ସମସ୍ତ ସାଙ୍ଗମାନେ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ସାଙ୍ଗ ମାନଙ୍କର ଏଭଳି ମହାନ କାର୍ଯ୍ୟ ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ସହିତ ଅଂଚଳବାସୀ ସାଧୁବାଦ ଜଣାଇଛନ୍ତି। ପୂର୍ବତନ ସାଙ୍ଗ ମାନଙ୍କ ମଧ୍ୟରେ ମୋତିଲାଲ ମହାନ୍ତ, ବିଶ୍ୱନାଥ ମୁଣ୍ଡା, ବେଣୁଧର ମୁଣ୍ଡା, ପୀତବାସ ଦେହୁରୀ, ମହୁର ମହାନ୍ତ, ରନ ମହାନ୍ତ, ଚିନ୍ମୟ ନାଏକ, ଯୁଧିଷ୍ଠିର ମହାନ୍ତ, ପିନ୍ଟୁ ମୁର୍ମୁ, ବୁଧରାୟ ମୁର୍ମୁ, ପୂର୍ଣ୍ଣିମା ମହାନ୍ତ, ଯୁଝାର ମାଝୀ, ନିର୍ମଳ ଖଣ୍ଡା, ପ୍ରଫୁଲ ମହାନ୍ତ, ନରେନ୍ଦ୍ର ମହାନ୍ତ, ବିମ୍ବାଧର ନାଏକ, ଧନୁର୍ଜୟ ନାଏକ, ଦୁଃଶାସନ ଦେହୁରୀ, ଶିବଶଙ୍କର ସିରକା, ସୁରଜଲାଲ ସିରକା ପ୍ରମୁଖ ସାହାଯ୍ୟ ଓ ସହଯୋଗର ହାତ ବଢାଇଥିଲେ।

## କଳିଙ୍ଗନଗରରଲୋୟଲା ସ୍କୁଲପକ୍ଷରୁ ପ୍ରଥମ ବାର୍ଷିକ ପ୍ୟାରେଂଟ୍‌ସ ନାଇଟ୍ ପାଳିତ

ଦାନଗଦି,(ସପନ କର): କଳିଙ୍ଗନଗର ରଲୋୟଲା ସ୍କୁଲ ପକ୍ଷରୁ ଡିସେମ୍ବର ୧୦ ତାରିଖରେ ପ୍ରଥମ ପ୍ୟାରେଂଟ୍‌ସ ନାଇଟ୍ ( ଅଭିଭାବକ ସମ୍ମିଳନୀ) ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମାନ୍ୟବର ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରୀତିରଂଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯାଜପୁରର ମହିଳା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଉଷା ରାଣୀ ସାମଲ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ୍‌ର ଏଚ୍‌ଆର୍ ଓ ଆଇଆର୍ ବିଭାଗର ସହକାରୀ ଉପସଭାପତିଶ୍ରୀ ରାକେଶ ପାଠକ ଏବଂ ଟାଟା ଷ୍ଟିଲ୍‌ର କଳିଙ୍ଗନଗର ପ୍ରଶାସନ ବିଭାଗର ମୁଖ୍ୟ ଶ୍ରୀ ଅମିତାଭ ମୁଖାର୍ଜୀ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ଏଲ୍‌କେଜିରୁ ନବମ/ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା



ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରାଯାଇଥିଲା ଏବଂ ଗତ ଶିକ୍ଷା ମାସରେ ଅନୁଷ୍ଠିତ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ସମସ୍ତ ବିଜେତାମାନଙ୍କୁ ପୁରସ୍କାର ବିତରଣ ସହ ଏହା ଶେଷ ହୋଇଥିଲା। ପରିବେଷିତ କାର୍ଯ୍ୟକ୍ରମକୁ ଅତିଥି ତଥା ଉପସ୍ଥିତ ଦର୍ଶକମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିବା ଲାଗି ଭୁବନେଶ୍ୱରର ଲୋୟଲା ସ୍କୁଲ, ଯାଜପୁରର ସେଂଟର ମେରିସ୍ ସ୍କୁଲ ଏବଂ ଛାତ୍ରଛାତ୍ରୀମାନଙ୍କର ଅଭିଭାବକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା।ଦର୍ଶକମାନଙ୍କୁ ସମ୍ବୋଧିତ କରିବା ଅବସରରେ ଏକ ଶାନ୍ତ ଓ ଶିକ୍ଷା ଅନୁକୂଳ ପରିବେଶରେ ଏଭଳି ଉତମ ଶିକ୍ଷା ଭିତିଭୂମି ସ୍ଥାପନ କରାଯାଇଥିବାରୁ ଶ୍ରୀଯୁକ୍ତ ଘଡ଼େଇ ସ୍କୁଲ କର୍ତୃପକ୍ଷ ଏବଂ ଟାଟା ଷ୍ଟିଲ୍‌କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅଂଚଳକୁ ଏକ ମାନୁଫାକ୍‌ଚରିଂ ଓ ଏମ୍ପ୍ଲୟମେଂଟ୍ ହବ୍ ଭାବେ ବିକାଶ କରିବା ଲାଗି କରାଯାଇଥିବା ସଂଘର୍ଷ ବିଷୟରେ ସେ ଉଲ୍ଲେଖ କରିଥିଲେ। ଏଭଳି ଏକ ଚମତ୍କାର କାର୍ଯ୍ୟକ୍ରମ ଆୟୋଜନ ପାଇଁ, ସେ ଛାତ୍ରଛାତ୍ରୀ ଏବଂ କର୍ତୃପକ୍ଷଙ୍କୁ ପ୍ରଶଂସା କରିଥିଲେ। ଲୋୟଲା ସ୍କୁଲର ପ୍ରିନ୍‌ସିପାଲ୍ ଫାଦର ଜୟସନ ଜୋସୁଆ ସମସ୍ତ ଅତିଥିମାନଙ୍କୁ ସେମାନଙ୍କ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇବା ସହ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିବାରୁ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray